## ସଂକ୍ଷେପରେ

### ପୋଲିସ ଏସ୍‌ଆଇଙ୍କ ଘରୁ ଚୋରି, ୩ ଅଟକ

**କେନ୍ଦ୍ରାପଡ଼ା ଅଫିସ, ୨୩।୧୨:** ଟାଉନ ଥାନା ଅନ୍ତର୍ଗତ ଖଡିଅଙ୍ଗରେ ରହୁଥିବା ଜିଲା ପୋଲିସ ଡ୍ରିଲ ସବଇନ୍ସପେକ୍ଟର ଗଗନ ରାଉତଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ସୁନା ଓ ରୁପା ଅଳଙ୍କାର ସମେତ ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ଗଗନଙ୍କ ସ୍ତ୍ରୀ ମାନସୀ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଡଗ୍ ସ୍କ୍ୱାର୍ଡ ସହାୟତାରେ ତଦନ୍ତ ଚଳାଇଛି। ତେବେ ପୋଲିସ ସହରର ୩ ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ମାର୍ଶାଘାଇ, ୨୩।୧୨ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ଅଧୀନ ୫ ନଂ. (କ) ଜାତୀୟ ରାଜପଥର ବାଲିସୁଆଁଗଡ଼ା ନିକଟରେ ସୋମବାର ମଧ୍ୟାହ୍ନରେ ସଡକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ଏଥିସହ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନୟାଗଡ ଜିଲା ରଣପୁର ଥାନା ମଝିଆଁଖଣ୍ଡ ଗ୍ରାମର ମାନସ ଚନ୍ଦ୍ର ବିଶ୍ୱାଳ(୩୭)। ଆହତ ଜଣକ ଓଡଗାଁ ଥାନା ନିରାକାରପୁର ପ୍ରସନ୍ନ କୁମାର ସେଠୀ(୩୨) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ସୁବାସ ଓ ପ୍ରସନ୍ନ ଏକ ବାଇକ୍‌ରେ ପାରାଦୀପରୁ ଚଣ୍ଡିଖୋଲ ଆଡକୁ ଯାଉଥିଲେ। ବାଲିସୁଆଁଗଡ଼ା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଲୁହାବାଡ଼ରେ ପିଟି ହୋଇ ଯାଇଥିଲା। ଘଟଣାସ୍ଥଳରେ ସୁବାସଙ୍କର ମୃତ୍ୟୁ ହୋଇଥିବା ବେଳେ ମାର୍ଶାଘାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସୁବାସଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଗୌରାଙ୍ଗ ଚରଣ ବିଶ୍ୱାଳ ପହଞ୍ଚିବା ପରେ ମାର୍ଶାଘାଇ ଥାନା ସବ୍‌ଇନ୍ସପେକ୍ଟର ଦେବାଶିଷ ପଣ୍ଡା ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ମେଡିକାଲକୁ ପଠାଇଛି।

## ସାତଭାୟାବାସୀଙ୍କ ଥଇଥାନ ପ୍ରସଙ୍ଗ

# ମୌଳିକ ସୁବିଧାରୁ ବଞ୍ଚିତ ବଗପାଟିଆବାସୀ

**କେନ୍ଦ୍ରାପଡ଼ା ଅଫିସ୍, ୨୩।୧୨**

- ଥଇଥାନସ୍ଥଳରେ ରାସ୍ତା, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଆଦି ମୁଖ୍ୟ ସମସ୍ୟା
- ଜୀବିକା ନିର୍ବାହ ପାଇଁ ସାତଭାୟାରେ ରହୁଛନ୍ତି ଅନେକ ପରିବାର
- ଏବେବି ୧୪୮ ପରିବାରକୁ ସ୍ଥାନାନ୍ତର କରାଯାଇନାହିଁ

ସମୁଦ୍ର କୂଳରେ ଥିବା ରାଜନଗର ବ୍ଲକ ସାତଭାୟା ଅଞ୍ଚଳବାସୀଙ୍କୁ ୧୦ କିଲୋମିଟର ଦୂର ଗୁପ୍ତି ନିକଟ ବଗପାଟିଆଠାରେ ଥଇଥାନ କରାଯାଇଛି। ସାତଭାୟାର ୫୭୧ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯିବା ସହ ବଗପାଟିଆରେ ଜମି ଓ ଘର ନିର୍ମାଣ ନିମନ୍ତେ ଆର୍ଥିକ ଅନୁଦାନ ଦିଆଯାଇଛି। ଦୀର୍ଘ ୪୦ବର୍ଷ ଧରି ଚାଲିଥିବା ଏହି ଥଇଥାନ ପ୍ରସଙ୍ଗ ବର୍ତ୍ତମାନ ମଧ୍ୟ ଥମିନାହିଁ। ଏବେ ବି ସାତଭାୟାରେ ୧୪୮ ପରିବାର ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ପରିବାର ଥଇଥାନସ୍ଥଳୀର ବିଭିନ୍ନ ସମସ୍ୟା ଦର୍ଶାଉଥିବା ବେଳେ ଅନ୍ୟ କେତେକଙ୍କୁ ଥଇଥାନ କରାଯାଇ ନ ଥିବା ଅଭିଯୋଗ ହେଉଛି, ଯାହା ପ୍ରଶାସନ ଓ ବନ ବିଭାଗ ପାଇଁ ଅସୁବିଧା ସୃଷ୍ଟି କରିଛି।

ଏନ୍‌ସିସିଆର (ନ୍ୟାଶନାଲ ସେଣ୍ଟର ଫର କୋଷ୍ଟାଲ ରିସର୍ଚ୍ଚ)ର ୨୦୧୮ ଜୁଲାଇ ରିପୋର୍ଟ ଅନୁଯାୟୀ, ୧୯୯୯ରୁ ୨୦୧୬ ମଧ୍ୟରେ ଦେଶର ୭,୫୧୭ କି.ମି. ସମୁଦ୍ର ତଟରୁ ୩୩ ପ୍ରତିଶତ ତଟ କ୍ଷୟ ହେଉଛି। ଏହି ଧାରା ଓଡ଼ିଶାର ୪୮୫ କିଲୋମିଟର ସମୁଦ୍ର ତଟର ୨୮ ପ୍ରତିଶତ ସ୍ଥାନରେ ଦେଖାଦେଉଛି। ରାଜନଗର ତହସିଲ ରେକର୍ଡ ଅନୁଯାୟୀ, ସାନଗହୀରମଥା, ମୋହନପୁର, ହାବେଳି ଚିନ୍ତାମଣିପୁର, ଗୋବିନ୍ଦପୁର, କାଦୁଆନାଶୀ, ସାହେବନଗର ଓ ପରମାନନ୍ଦପୁର ଗ୍ରାମକୁ ନେଇ ଗଠିତ ସାତଭାୟା ଗ୍ରାମ ଚାଷଜମି ବ୍ୟତୀତ ୮୭୫ ଏକର ସ୍ଥାନରେ ଥିଲା। ହେଲେ ତଟକ୍ଷୟ ଯୋଗୁ ୧୯୬୦ ମସିହା ମଧ୍ୟରେ ଏହି ଅଞ୍ଚଳର ଅଧିବାସୀମାନେ କାହ୍ନୁପୁର, ସାତଭାୟା, ବରାହୀପୁର, ରବୀନ୍ଦ୍ରପଲ୍ଲୀ ଓ ମଗରକନ୍ଦାର ନୂଆ ଗ୍ରାମକୁ ସ୍ଥାନାନ୍ତର ହୋଇଥିଲେ। ଏହି ଗ୍ରାମଗୁଡିକ ମଧ୍ୟରୁ ୨୦୧୧ ମସିହାରେ କାହ୍ନୁପୁର ମୌଜା ସମୁଦ୍ର ଗର୍ଭକୁ ଚାଲିଯାଇଛି। ସମୁଦ୍ର ତଟାଞ୍ଚଳ କ୍ଷୟକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର ଏହି ଅଞ୍ଚଳବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରିଛନ୍ତି। କିନ୍ତୁ ସାମାନ୍ୟ ବର୍ଷା ହେଲେ ଘର ଚାରିପଟେ ପାଣି ଜମି ରହୁଥିବା ବଗପାଟିଆର ସୁଦର୍ଶନ ଦାସ କହିଛନ୍ତି। ସେ କହିଛନ୍ତି, ଥଇଥାନସ୍ଥଳୀରେ ରାସ୍ତା, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଆଦି ସମସ୍ୟା ଲାଗିରହିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ବର୍ଷାଦିନେ ଘରୁ ବାହାରିବା କଷ୍ଟ ହୋଇପଡୁଛି।

ଅପରପକ୍ଷେ ସାତଭାୟା ଅଞ୍ଚଳରେ ୧୪୮ ଘର ରହିଥିବା ସମ୍ପର୍କରେ ଗ୍ରାମର କାଳନ୍ଦୀ ଚରଣ ବେହେରା କୁହନ୍ତି, ରାଜ୍ୟ ସରକାର ବଗପାଟିଆରେ ଘର ନିର୍ମାଣ ପାଇଁ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଜୀବିକା ନିର୍ବାହ ପାଇଁ ସାତଭାୟା ଉପରେ ନିର୍ଭର କରିବାକୁ ପଡୁଛି। ସାତଭାୟାରେ ଚାଷଜମି ଥିବାରୁ ଏଠାରେ ଆସି ରହିବାକୁ ପଡୁଛି। ସେହିପରି ଗ୍ରାମର ବହୁ ବ୍ୟକ୍ତି ମାଛ, କଙ୍କଡା ଧରି ପରିବାର ପ୍ରତିପୋଷଣ କରୁଥିବାରୁ ସେମାନେ ସାତଭାୟାରେ ରହୁଛନ୍ତି। ରାଜ୍ୟ ସରକାର ଜୀବିକା ବ୍ୟବସ୍ଥା କରି ନ ଥିବାରୁ ସାତଭାୟାର ବହୁ ଯୁବକ ଏବେ ଦାଦନ ଖଟୁଛନ୍ତି। ଏ ସମ୍ପର୍କରେ ବରାହୀପୁରରେ ରହୁଥିବା କୌଶଲ୍ୟା ବେହେରା କୁହନ୍ତି, ୨୦୧୧ଜନଗଣନା ଅନୁଯାୟୀ ପରିବାର ମୁଖ୍ୟଙ୍କ ନାମରେ ବଗପାଟିଆକୁ ସ୍ଥାନାନ୍ତର ପାଇଁ ଜମି ମିଳିଛି। ଇତିମଧ୍ୟରେ ବହୁ ପରିବାର ଭିନ୍ନେ ହୋଇଛନ୍ତି। ସେହିପରି କେତେକ ପରିବାରକୁ ଚିହ୍ନଟ କରାଯାଇ ନଥିବାରୁ ଏବେ ବି ୧୪୮ ପରିବାର ବନାଞ୍ଚଳରେ ରହିଛନ୍ତି। ଘର ନିର୍ମାଣ ନିମନ୍ତେ ଅନୁଦାନ ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନକୁ ଆବେଦନ ପତ୍ର ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାସ କହିଛନ୍ତି, ବନାଞ୍ଚଳରେ ଥିବା ଲୋକଙ୍କ ଉଚ୍ଛେଦ ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ତହସିଲଦାର ଦ୍ୱିବ୍ୟେନ୍ଦୁ ଶେଖର ଦାସଙ୍କୁ ପଚାରିବାରେ ବଗପାଟିଆକୁ ସାତଭାୟାବାସୀଙ୍କ ସ୍ଥାନାନ୍ତର ପରେ ପୁନର୍ବାର ସର୍ଭେ ପାଇଁ ୧୪୮ ଆବେଦନ ପତ୍ର ପହଞ୍ଚିଛି। ଏନେଇ ସର୍ଭେ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର କହିଛନ୍ତି।

## ଡାକ୍ତର ନିଯୁକ୍ତି ନ ହେଲେ ଅନଶନ ଚେତାବନୀ



ଖବରଦାତା ସମ୍ମିଳନୀରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ।

**ରାଜକନିକା, ୨୩।୧୨ (ଡି.ଏନ୍.ଏ.)**

ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେବ ସ୍ଥାୟୀ ଡାକ୍ତର ନାହାନ୍ତି। ଫାର୍ମାସିଷ୍ଟ ଓ ଆୟୁଷ ଡାକ୍ତର ରୋଗୀ ସେବା କରୁଥିବା ବେଳେ ଜ୍ୱର, ଥଣ୍ଡା, ଝାଡ଼ାବାନ୍ତିକୁ ଛାଡ଼ିଲେ ଅନ୍ୟ ରୋଗୀମାନଙ୍କୁ ଆଳି, କେନ୍ଦ୍ରାପଡ଼ା ଓ କଟକକୁ ପଠାଇ ଦିଆଯାଉଥିବା ଦେଖାଯାଉଛି। ଫଳରେ କନିକାବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏଣୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି କରା ନଗଲେ ଆସନ୍ତା ୬ତାରିଖଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିଭିନ୍ନ ସଂଗଠନ ପକ୍ଷରୁ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୋମବାର କନିକାର ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ପକ୍ଷରୁ ବାଘବୁଦା ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁୟାରୀ ୫ ତାରିଖ ସୁଦ୍ଧା ଖାଲିପଡ଼ିଥିବା ୬ ଡାକ୍ତର ପଦବୀ ପୂରଣ କରା ନଗଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୬ ତାରିଖଠାରୁ ଆମରଣ ଅନଶନ କରାଯିବା ପାଇଁ ଚେତାବନୀ ଦିଆଯାଇଛି। ଆବାହକ ଶ୍ରେୟଷ ଦାସଙ୍କ ସମେତ ସାମାଜିକ କର୍ମୀ ସଞ୍ଜୟ ବେହୁରା, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଗୁଣନିଧି ବଳ, ଶିକ୍ଷାବିତ୍ ମୁରଲୀଧର ନାୟକ, ଯୁବନେତା ଶୁକଦେବ ମଲ୍ଲିକ, ଅଭିନେତା ସୌମ୍ୟକାନ୍ତ ନାୟକ, ମହମ୍ମଦ ସରାଫତ ଅଲ୍ଲୀ, ଶାରଦା ପ୍ରସନ୍ନ ବିଶ୍ୱାଳ, ହୃଷୀକେଶ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ତୁରନ୍ତ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଓ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ୫ଟି ସଚିବ, କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପି, ସିଡିଏମଓଙ୍କ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ପୋଲିସ ହାତରୁ ଖସିଗଲେ ଅଭିଯୁକ୍ତ

**କେନ୍ଦ୍ରାପଡା ଅଫିସ, ୨୩।୧୨**

ପାଟକୁରା ଥାନା ପୋଲିସ ହାତରୁ ଜଣେ ଅଭିଯୁକ୍ତ ଖସି ଯାଇଛନ୍ତି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଫେରାର ହୋଇଥିବା ଏହି ଅଭିଯୁକ୍ତଙ୍କୁ ପୋଲିସ ଧରିବାକୁ ଚେଷ୍ଟା କରି ବିଫଳ ହୋଇଛି। ଆଲୋଚନା ଅନୁଯାୟୀ, ଶନିବାର ରାତିରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ସୋମବାର ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ସେ ଖସିଯାଇଥିବା ସାଧାରଣରେ ଆଲୋଚନା ହେଉଛି। କିନ୍ତୁ ପୋଲିସ କହିଛି, ଏହି ଥାନା ଅଞ୍ଚଳର ଦୁଇ ପଡ଼ୋଶୀଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଖବରପାଇ ପୋଲିସ ଉଭୟ ପକ୍ଷର ଲୋକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲା। ତେବେ ଏହି ଗଣ୍ଡଗୋଳକାରୀଙ୍କ ମଧ୍ୟରୁ ଜଣଙ୍କ ନାମରେ ପୂର୍ବରୁ ୱାରେଣ୍ଟ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣା ପଡିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଚେଷ୍ଟା କରାଯିବା ମାତ୍ରେ ସେ ଦୌଡ଼ି ପଳାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଏହି ଅଭିଯୁକ୍ତଙ୍କୁ ପାଟକୁରା ପୋଲିସ ଶନିବାର ରାତିରେ ଗିରଫ କରିଥିବା ଏଠାରେ ଆଲୋଚନା ହେଉଛି।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ମାର୍ଶାଘାଇ, ୨୩।୧୨ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତ ଖର୍ଦ୍ଧାସାହି ଗ୍ରାମରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟି ଶ୍ରୀଧର ବେହେରାଙ୍କ ୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବ ପତ୍ର ଓ ବର୍ଷକର ଖାଦ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ପାଉଁଶ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଗ୍ରାମବାସୀ ପ୍ରଥମେ ଲିଭାଇବାକୁ ଚେଷ୍ଟା କରିବା ସହ ମାର୍ଶାଘାଇ ଅଗ୍ନିଶମ ସେବା ସଂସ୍ଥାକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ୨ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।




# ଶୀତ ପ୍ରବାହ ପାଇଁ ସତର୍କତା

DSPL-208

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ କରନ୍ତୁ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

24007/13/0012/1920

ସଚେତନତା ଓ ସତର୍କତା
ହିଁ ସୁରକ୍ଷା

OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

## ସଂକ୍ଷେପରେ

### ନାଗରିକତ୍ୱ ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ଗଣଧାରଣା

**କୋରେଇ, ୨୩।୧୨ (ସ୍ୱ.ପ୍ର):** ନାଗରିକ ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ କୋରେଇ ଗଣତନ୍ତ୍ର ସୁରକ୍ଷା କମିଟି ପକ୍ଷରୁ କୋରେଇ ମେଲଣ ପଡିଆରେ ଗଣଧାରଣା ଦିଆଯାଇଥିଲା। ଶୋଭଯାତ୍ରା ପାଇଁ ପୋଲିସ ଅନୁମତି ନ ଦେବାରୁ ସଙ୍ଗଠନ ପକ୍ଷରୁ ମେଲଣ ପଡ଼ିଆରେ ଧାରଣା ଚାଲିଥିବାବେଳେ ବିଡିଓ ତରିଣୀସେନ ପଟ୍ଟନାୟକ ସେଠାରେ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ତୁରନ୍ତ ଏହି ଆଇନକୁ ବାତିଲ କରିବାକୁ ମତ ପ୍ରକାଶ ପାଇଥିଲା। ରାଜେନ୍ଦ୍ର ଗାହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଆଲୋକ ମହାନ୍ତିଙ୍କ ନେତୃତ୍ୱରେ ଏଆଇଏସ୍ଏଫ୍‌ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ସିପିଆଇ ନେତା ସତୀଶ ମିଶ୍ର, ଦିଲ୍ଲୀରୁ ମିସ ଆଇସା, ମନୋଜ ଜେନା, ହାପିସ ମହମ୍ମଦ ସେକ ଗନି, ସିପିଏମ ନେତା ପ୍ରଫୁଲ୍ଲ ନାୟକ, କଂଗ୍ରେସ ନେତା ହରେକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବଦୁଲ ୱହିଦ ଖାଁ, ମିର୍ଜା ଲୋକମାନ ବେଗ, ସେକ ସାହାବାଜ, ସେକ ବୁଟୋ, ସେକ ନାବୁଲି, ସେକ ଲାଲା, ସେକ ଜାପେ, ସେକ ଆଜାମ, ଆୟୁସ ଖାଁ, ସେକ ମସୁଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଧର୍ମଶାଳା, ୨୩।୧୨ (ଡିଏନ୍ଏ):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁରସ୍ଥିତ ପତିତପାବନ ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନା ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧାପକ ମନୋରଞ୍ଜନ ମହାନ୍ତି ଓ ସମ୍ମାନିତ ଅତିଥିଭାବେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଧକ୍ଷ ନବଘନ ମହାନ୍ତି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷ ବରିଷ୍ଠ ବାଳକ ବିଭାଗରେ ବିଶ୍ୱଜିତ ମଲ୍ଲିକ, ବରିଷ୍ଠ ବାଳିକା ବିଭାଗରେ ଅର୍ପିତା ବେହେରା, କନିଷ୍ଠ ବାଳକ ବିଭାଗରେ ରାଉଳ ମଳିକ, ବାଳିକା ବିଭାଗରେ ଆଶାରାଣୀ ଦାସଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଛି । ଶିକ୍ଷକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନାରାୟଣ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ସୁମନ ଶୁଭଲକ୍ଷ୍ମୀ ପତି, ପ୍ରତିଷ୍ଠା ମଲ୍ଲିକ ଓ ଆଶାରାଣୀ ଦାସ ନୃତ୍ୟ ପରିବେଷଣ କରିଥିଲେ। ୩ଦିନ ବ୍ୟାପୀ ଅନୁଷ୍ଠିତ କ୍ରୀଡାକୁ ଖେଳ ଶିକ୍ଷକ ଦମୟନ୍ତୀ ବେହେରା, ମନିଷା ଆଚାର୍ଯ୍ୟ, ମଧୁଛନ୍ଦା ମହାନ୍ତି, ସୋନି ନାୟକ, ପ୍ରତିମା ଜେନାମଣୀ, କନକଲତା ରାଉତ, ରୂପାଲିଶା ନାୟକ, ରଶ୍ମିରେଖା ବାରିକ, ଶ୍ୟାମସୁନ୍ଦର ଦାସ, ଶାନ୍ତିଲତା ସାମଲ, ତପସ୍ୱିନୀ ନାୟକ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁପ୍ରଭା ଜେନା ଧନ୍ୟବାଦ ଦେଇଥିଲେ।

### ବିଜେଡି ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି

**ଧର୍ମଶାଳା, ୨୩।୧୨ (ଡିଏନ୍ଏ):** ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୨୬ ତାରିଖ ଜାରକାସ୍ଥିତ ସିଭିକ ସେଣ୍ଟରରେ ଅପରାହ୍ନ ୩ଘଟିକା ସମୟରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ନୂଆଗାଁସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ପ୍ରତିଷ୍ଠା ଦିବସରେ ୫୪ଟି ପଞ୍ଚାୟତର ଲୋକ ପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଜନସାଧାରଣଙ୍କ ସହ ସମ୍ପର୍କ ରଖି ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ। ବିଶେଷ କରି ଏହି ସମାବେଶରେ ଯେପରି ଯୁବ ଛାତ୍ର ଓ ମହିଳାମାନେ ଅଧିକ ସଂଖ୍ୟାରେ ଯୋଗଦେବେ ସେ ନେଇ ଦଳୀୟ କର୍ମୀମାନେ ଉଦ୍ୟମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ଜଳଧର ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ଦୁଃଶାସନ ସାହୁ, ସାଂସଦ ପ୍ରତିନିଧି ଉତ୍କଳ ଦାସ, ଜିଲା ପରିଷଦ ସଦସ୍ୟ ନିରଞ୍ଜନ ରାଉତ, ଯୁବ ସଭାପତି ପ୍ରସନ୍ନ ରାଉତଙ୍କ ସହିତ ୫୪ଟି ପଞ୍ଚାୟତର ଦଳୀୟ ପର୍ଯ୍ୟବେକ୍ଷକ ଯୋଗ ଦେଇଥିଲେ।

# ପ୍ରୋତ୍ସାହନ ଅଭାବରୁ ଦାଦନମୁହାଁ କାରିଗର

**ଯାଜପୁର ଅଫିସ, ୨୩।୧୨**

ଯାଜପୁର ଜିଲାରେ ନିପୁଣ ଶିଳ୍ପୀଙ୍କ ତାଲିମ (ଏମ୍‌ସିଏମ୍) ମାଧ୍ୟମରେ ଏବଂ ଗୁରୁଶିଷ୍ୟ ପରମ୍ପରା (ଜିଏସ୍‌ପି) ଯୋଜନାରେ ହଜାରେରୁ ଊର୍ଦ୍ଧ୍ୱ କାରିଗରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରାୟ ଦେଢକୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଆତ୍ମନିଯୁକ୍ତି ଜରିଆରେ ବେକାରୀ ସମସ୍ୟାର ସମାଧାନ କରାଯାଉଛି ଏବଂ କାରିଗରଙ୍କୁ ପ୍ରଶିକ୍ଷଣ ଦେଇ ବ୍ୟାଙ୍କ ଋଣ ଯୋଗାଇ ଆତ୍ମନିଯୁକ୍ତି ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ବିଭାଗ ପକ୍ଷରୁ ବାହାସ୍ଫୋଟ ମରାଯାଉଛି। ୨୪ତାରିଖରୁ ଜିଲାର କୁଆଖିଆ ଅଭିମନ୍ୟୁ ସାମନ୍ତସିଂହାର ଭବନ ପରିସରରେ ଏକ ୭ଦିନିଆ ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହେଉଛି। କିନ୍ତୁ ଅଧିକାଂଶ କାରିଗରଙ୍କୁ କୌଣସି ସରକାରୀ ସୁବିଧା ମିଳୁ ନ ଥିବା ଯୋଗୁ କାରିଗରୀ ବିଦ୍ୟାକୁ ଆପଣାଇ ଅଧାରୁ ଅଧିକ ଶିଳ୍ପୀ ଏବେ ଦାଦନମୁହାଁ ହୋଇଛନ୍ତି। କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର ପକ୍ଷରୁ କମ୍ପଗଡ, ଶୁଖୁଆପଦା, ହଳଧରପୁର, ବାଲିକୁଦା, ବଡ଼ ତ୍ରିଲୋଚନପୁର, ରତ୍ନଗିରି ଆଦି ଗ୍ରାମର କାରିଗରମାନେ କୌଣସି ସରକାରୀ ସହଯୋଗ ନ ପାଇ ଆର୍ଥିକ ଅନଟନର ଶିକାର ହୋଇଥିବା ମତପ୍ରକାଶ ପାଇଛି। ବେକାରୀ ଦୂରୀକରଣରେ କାରିଗରଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା କେତେଦୂର ସଫଳ ହୋଇଛି ତାହା ତଦନ୍ତ ସାପେକ୍ଷ। ତାଲିମ ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ଓ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅନିୟମିତତା ଯୋଗୁ ଜିଲାରେ ହସ୍ତଶିଳ୍ପ ବିକାଶର ସ୍ଥିତି ଦୁର୍ବଳ ହେବାକୁ ବସିଛି। କାରିଗରୀ ପାଇଁ ପଥରର ଘୋର ଅଭାବ ଦେଖାଦେଇଛି। କାରିଗରୀ ପାଇଁ ଉଦ୍ଦିଷ୍ଟ ପଥର ଖଣି ଲିଜ ନ ଥିବାରୁ ଏବେବି ସାଣ, ମୁଗୁନି, ଖଡି ଓ କନ୍ଦା ପଥର ଆଦି କାମ କରିବାକୁ କାରିଗରମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଦୁଃଖର ବିଷୟ ଯେ, ପ୍ରାୟ ପଥର ଖଣି ସବୁ ଜଙ୍ଗଲ କିସମ ଜମି ବା ଜଙ୍ଗଲ ମଧ୍ୟରେ ରହିଛି। କାଁଭାଁ ଖଣି ରାଜସ୍ୱ ଅଞ୍ଚଳରେ ରହିଥିଲେ ମଧ୍ୟ ତାର ନିଲାମ କରାଯାଉ ନାହିଁ। ଯଦି ବି ନିଲାମ ହେଉଛି, ବହୁ ଚଢା ଦରରେ ହେଉଥିବାରୁ ଗରିବ କାରିଗରମାନେ ନେବାକୁ ସକ୍ଷମ ହେଉନାହାନ୍ତି। ଆର୍ଥିକ ଅଭିବୃଦ୍ଧି ଆଳରେ ସରକାର ଦେଶୀ ବିଦେଶୀ କମ୍ପାନୀ ହାତରେ ଜଙ୍ଗଲ ପାହାଡ଼ ଟେକି ଦେଉଛନ୍ତି। ଅଥଚ ଗରିବ କାରିଗର ମୂର୍ତ୍ତି ତିଆରି କରିବାକୁ ପଥର ଖଣ୍ଡିଏ ପାଇଁ ବାରଦୁଆର ହେଉଛନ୍ତି। ଏପରିକି ଲୁଚାଛପାରେ ପଥର ଆଣୁଥିବାବେଳେ ଜଙ୍ଗଲ ବିଭାଗ, ପୋଲିସ, ରାଜସ୍ୱ ଓ ଖଣି ବିଭାଗୀୟ ଅଧିକାରୀଙ୍କ ଜୁଲମର ଶିକାର ହେଉଛନ୍ତି। ଜିଲାର ଚଣ୍ଡିଆ ପାହାଡ଼ ଶାଣ ପଥର ଉତ୍କୃଷ୍ଟମାନ ପାଇଁ ପ୍ରସିଦ୍ଧି ଲାଭ କରିଛି। ହେଲେ ଅଧିକ ପଥର କାରିଗର ରହୁଥିବାରୁ ଏହି ପଥରର ଘୋର ଅଭାବ ରହିଛି। ଆବଶ୍ୟକ ଡିପୋ ଖୋଲାଯାଇ ଅଳ୍ପ ମୂଲ୍ୟରେ ପଥର ଯୋଗାଣ, ଜିଲା ତଥା ରାଜ୍ୟ ବାହାରୁ ପଥର ଆଣିବାକୁ ଅନୁମତି, ପଥର ଖାଦାନ ଚିହ୍ନଟ କରି କେବଳ କାରିଗରୀ ପାଇଁ ପଥର ନେବାକୁ ଅନୁମତି ଦେଲେ କାରିଗରମାନେ ଉପକୃତ ହୋଇପାରନ୍ତେ ବୋଲି ବିଭିନ୍ନ ସମୟରେ ଦାବି ହେଉଛି। ହେଲେ ସରକାର କୌଣସି ଦାବି ଉପରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯଦ୍ୱାରା କାରିଗରମାନେ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି। ବିଡମ୍ବନା ଯେ, ଆସନ୍ତାକାଲିଠାରୁ ହେବାକୁ ଥିବା ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉତ୍ସବ ସଂକ୍ରାନ୍ତରେ ଅଧିକାଂଶ କାରିଗରଙ୍କୁ ଖବର ଦିଆଯାଇ ନାହିଁ। ଜିଲାର ଏକ ଉପାନ୍ତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ହେଉଥିବାରୁ କାରିଗରଙ୍କ କଷ୍ଟୋପାର୍ଜିତ ଦ୍ରବ୍ୟ ବିକ୍ରି ହେବା ନେଇ ସନ୍ଦିହାନ ଦେଖାଦେଇଛି।



### କଞ୍ଚାମାଲ ଯୋଗାଇବାରେ ବିଫଳ ପ୍ରଶାସନ

### ଏମାନଙ୍କ ମୁହଁରୁ....

ଜିଲାର ରତ୍ନଗିରି କମ୍ପଗଡ ଗ୍ରାମରେ ଦୀର୍ଘଦିନ ହେଲା ପଥର ମୂର୍ତ୍ତି ତିଆରି କରୁଛି। ହେଲେ ଯାଏ ପ୍ରଶାସନର କୌଣସି ଅଧିକାର ମୋ ପାଖରେ ପହଞ୍ଚି ପାରିନାହିଁ। ଏଯାଏ କୌଣସି ତାଲିମ ମିଳିନାହିଁ। ଏକ ଋଣ ପ୍ରଦାନ କରିବାକୁ ବାରମ୍ବାର ଆବେଦନ କରିଛି, ହେଲେ କିଛି ସୁଫଳ ମିଳିନାହିଁ। କଞ୍ଚାମାଲର ଘୋର ଅଭାବ ଯୋଗୁ ମୂର୍ତ୍ତି ତିଆରି କରି ପରିବାର ପ୍ରତିପୋଷଣ କଷ୍ଟକର ହୋଇଛି।
**–ପ୍ରଦୀପ କୁମାର ମହାରଣା, କମ୍ପଗଡ**

ଜିଲାର ଶୁଖୁଆପଦା ଗ୍ରାମରେ ପଥର ମୂର୍ତ୍ତି ତିଆରି କରି ପରିବାର ଚଳାଉଛି। ମାସିକ କଷ୍ଟେମଷ୍ଟେ ୧୦/୧୨ ହଜାର ଟଙ୍କା ମିଳୁଛି। କିନ୍ତୁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ଆର୍ଥିକ ସ୍ଥିତିରେ ସୁଧାର ଆସି ପାରୁନାହିଁ। ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ କୌଣସି ସୂଚନା ମିଳିନାହିଁ।
**–ବିପିନ ବିହାରୀ ମହାରଣା, ଶୁଖୁଆପଦା**

ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ଭାଗ ନେବାକୁ ଏମ୍‌ସିଏମ୍ ମାଧ୍ୟମରେ ସମସ୍ତଙ୍କୁ ଖବର ଦିଆଯାଉଛି। ତଥାପି ଯେଉଁ ଶିଳ୍ପୀମାନେ ଯେକୌଣସି ପ୍ରକାରେ ଖବର ପାଇ ଏହି ପ୍ରଦର୍ଶନୀରେ ଭାଗ ନେବାକୁ ଇଚ୍ଛୁକ ହୁଅନ୍ତି, ସେମାନଙ୍କୁ ମଧ୍ୟ ଅଗ୍ରାଧିକାର ଦିଆଯିବ। ହସ୍ତଶିଳ୍ପର ବିକାଶ ପାଇଁ ପ୍ରଶାସନସ୍ତରରେ ଉଦ୍ୟମ ଜାରି ରହିଛି।
**–ମନୋଜ କୁମାର ବେହେରା, ଆଞ୍ଚଳିକ ଶିଳ୍ପକେନ୍ଦ୍ର ଜିଏମ୍**

## ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୨୫ତମ ପୁଣ୍ୟତିଥି

**ଧର୍ମଶାଳା, ୨୩।୧୨ (ଡିଏନ୍ଏ)**

ଶିଶୁ ସାହିତ୍ୟ ସ୍ରଷ୍ଟା ତଥା ସମାଜର ପ୍ରାକ୍ତନ ବାର୍ତ୍ତା ସମ୍ପାଦକ ସ୍ୱର୍ଗତ ଉଦୟନାଥ ଷଡଙ୍ଗୀ, ବିଶିଷ୍ଟ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ, ନନ୍ଦକିଶୋର ସାମଲଙ୍କ ସମସାମୟିକ ସ୍ୱର୍ଗତ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଓଡ଼ିଆ ଶିଶୁ ସାହିତ୍ୟକୁ ଏକ ନୂଆ ମୋଡ ଦେଇଛନ୍ତି ବୋଲି ବହୁ ବିଶିଷ୍ଟ ସାହିତ୍ୟିକ ମତବ୍ୟକ୍ତ କରିଛନ୍ତି। ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୨୫ତମ ପୁଣ୍ୟତିଥି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଶାନ୍ତି ନିକେତନର ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଓ ମୁଖ୍ୟବକ୍ତାଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ସମ୍ମାନିତ ବକ୍ତାଭାବେ କବି ଗୌତମ ଜେନା ଯୋଗଦେଇ ଓଡିଆ ଭାଷା ଓ ସାହିତ୍ୟ ସହିତ ପରିଚିତ କରାଇବାରେ ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ତ୍ରିପାଠୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବିବରଣୀ ପାଠ କରିଥିଲେ। ଉପସଭାପତି ସଂଗ୍ରାମ ଜେନା ଅତିଥି ପରିଚୟ ପ୍ରଦାନ, ମିନତି ସାହୁ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ସହସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଆର୍‌ପିଏଲ୍ କର୍ତ୍ତୃପକ୍ଷଙ୍କୁ ଟ୍ରକ୍ ମାଲିକଙ୍କ ଦାବିପତ୍ର

**ଡୁବୁରୀ, ୨୩।୧୨ (ଡିଏନଏ)**

କଳିଙ୍ଗନଗରସ୍ଥିତ ବିଆରପିଏଲ (ବ୍ରାହ୍ମଣୀ ରିଭର ପେଲେଟ୍‌ସ ଲିମିଟେଡ) କାରଖାନାରୁ ଉତ୍ପାଦିତ ପେଲେଟ୍ସ ପରିବହନରେ ସ୍ଥାନୀୟ ଟ୍ରକ ମାଲିକଙ୍କୁ ଅଗ୍ରାଧିକାର, ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ଓ ବାହାର ଟ୍ରକ ମାଲିକଙ୍କୁ ହଟାଇବା ଦାବିରେ ସୋମବାର ସୁକିନ୍ଦା ମିନେରାଲ ଟ୍ରକ ମାଲିକ ସଂଘ ପକ୍ଷରୁ ୩ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସୁକିନ୍ଦା ଟ୍ରକ ମାଲିକ ସଂଘ ଆହ୍ୱାନକ୍ରମେ ଶତାଧିକ ଟ୍ରକ ମାଲିକ ସୋମବାର ବିଆରପିଏଲ କାର୍ଯ୍ୟାଳୟକୁ ଯାଇ ଉପରୋକ୍ତ ଦାବି ଉପସ୍ଥାପନ କରି ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଟ୍ରକ ମାଲିକମାନେ ଅଭିଯୋଗ କରିଛନ୍ତି ଯେ, ବିଆରପିଏଲରୁ ପ୍ରତ୍ୟହ ଉତ୍ପାଦିତ ହଜାର ହଜାର ଟନ ପିଲେଟ ପାରାଦୀପକୁ ବିଭିନ୍ନ ଟ୍ରକରେ ପରିବହନ କରାଯାଉଛି। ଏହି କାର୍ଯ୍ୟରେ ସଂଖ୍ୟାଧିକ ବାହାର ଅଞ୍ଚଳର ଟ୍ରକ ନିୟୋଜିତ ହେଉଛନ୍ତି। ପରିବହନକାରୀ ସଂସ୍ଥା ପ୍ରତି ଟନ ପିଛା ୫୭୦ ଟଙ୍କା ଗାଡି ମାଲିକଙ୍କୁ ପ୍ରଦାନ କରୁଛନ୍ତି।



ଟ୍ରକ ମାଲିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଯଦ୍ୱାରା ଗାଡି ମାଲିକଙ୍କର ଆଶାନୁରୂପ ଲାଭ ହୋଇପାରୁ ନାହିଁ ବୋଲି ଟ୍ରକ ମାଲିକମାନେ ଅଭିଯୋଗ କରିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ସୁକିନ୍ଦା କ୍ରୋମ ଖଣି ଅଞ୍ଚଳରୁ କ୍ରୋମାଇଟ ପରିବହନରେ ଗଭୀର ମାନ୍ଦାବସ୍ଥା ଦେଖା ଦେଇଥିବାରୁ ଟ୍ରକ ମାଲିକଙ୍କ ଅବସ୍ଥା ଏକ ପ୍ରକାର ଦେବାଳିଆ ଅବସ୍ଥାକୁ ଆସିଯାଇଛି। ଏହି ପରିପ୍ରେକ୍ଷୀରେ ବିଆରପିଏଲରୁ ଉତ୍ପାଦିତ ପିଲେଟ ପରିବହନରେ ସ୍ଥାନୀୟ ଗାଡି ମାଲିକଙ୍କୁ ନିୟୋଜିତ କରିବା ଓ ପରିବହନ ଭଡା ବୃଦ୍ଧି କରିବାକୁ ଟ୍ରକ ମାଲିକମାନେ ଦାବି କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଟ୍ରକ ମାଲିକମାନେ ବିଆରପିଏଲ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଶୋଇରହି ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି। ସର୍ବଶ୍ରୀ ବିଜୟ କୁମାର ଦାସ, ସୁଜିତ ରାଉତ, ଆଶିଷ ବେହେରା, ସିଲୁ ସାହୁ, ସୋମନାଥ କାନୁନ୍‌ଗୋଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନେଇ ଏକ ଦାବିପତ୍ର ବିଆପିଏଲ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିବାବେଳେ ଜିଲାପାଳ, କଳିଙ୍ଗନଗର ଏଡୀଏମ ଓ ସ୍ଥାନୀୟ ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ପ୍ରଥମା ଏଜୁକେଶନ ଫାଉଣ୍ଡେଶନର ରାଷ୍ଟ୍ରୀୟ ଗଣିତ ଦିବସ

**ଧର୍ମଶାଳା, ୨୩।୧୨ (ଡିଏନ୍ଏ)**

ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତସ୍ଥିତ ଜଗାବଳିଆ ନୋଡାଲ ହାଇସ୍କୁଲ ପରିସରରେ ପ୍ରଥମା ଏଜୁକେଶନ ଫାଉଣ୍ଡେଶନ ଧର୍ମଶାଳା ପକ୍ଷରୁ ରାଷ୍ଟ୍ରୀୟ ଗଣିତ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଛାତ୍ରୀମାନେ ଗଣିତ ପାଠ୍ୟକ୍ରମର ବିଭିନ୍ନ ଧାରା ପ୍ରଦର୍ଶିତ କରିଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା, ମୁଖ୍ୟବକ୍ତାଭାବେ ସିଆରସିସି ବନମାଳୀ ମହାରଣା, ସମ୍ମାନିତ ଅତିଥିଭାବେ ପାଟପୁରର ସରପଞ୍ଚ ନଗେନ କୁମାର ଦାସ ଯୋଗଦେଇ ଗଣିତ ପାଠ୍ୟ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧକ୍ଷ ପ୍ରହଲ୍ଲାଦ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁକନ୍ୟା ସଭାପତି ଅଜୟ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଙ୍କୁ ଗଣିତ ପୁସ୍ତିକା ବଣ୍ଟନ କରାଯାଇଥିଲା।

### ଆଜିଠୁ ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ

## ୯୦ ଷ୍ଟଲରେ ପ୍ରଦର୍ଶିତ ହେବ ହସ୍ତଶିଳ୍ପ

**ରସୁଲପୁର, ୨୩।୧୨ (ଡିଏନଏ)**

**ଅଂଶଗ୍ରହଣ କରିବେ ୨୦୦ରୁ ଉର୍ଦ୍ଧ୍ୱ କାରିଗର**

ରସୁଲପୁର ବ୍ଲକ କୁଆଖିଆ ବଜାରସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ଭବନରେ ସୋମବାର ଆଞ୍ଚଳିକ ଶିଳ୍ପ ତାଲିମ କେନ୍ଦ୍ର, କଳିଙ୍ଗନଗର, ଜଗତପୁର ପକ୍ଷରୁ ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପରିଚାଳକ ଆଞ୍ଚଳିକ ଶିଳ୍ପ କେନ୍ଦ୍ର, କଳିଙ୍ଗନଗର, ଜଗତପୁର ମନୋଜ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା ଯୋଗଦେଇ ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ରସୁଲପୁର ବ୍ଲକ ଅଞ୍ଚଳରେ ସ୍ଥାନ ନିରୂପଣ କରାଯାଇଥିବାରୁ ଜିଲା ପ୍ରଶାସନଙ୍କୁ ଧନ୍ୟବାଦ ଦେଇଥିଲେ। ମଙ୍ଗଳବାର ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରାଯିବ। ମେଳାରେ ମୋଟ ୯୦ଟି ଷ୍ଟଲରେ ୫୦ଟି ବିଭାଗରେ କାର୍ଯ୍ୟ କରୁଥିବା ହସ୍ତଶିଳ୍ପୀଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀ କରାଯିବ। ସମଗ୍ର ରାଜ୍ୟର ପ୍ରତ୍ୟେକ ଜିଲାରୁ ୨ଟି ଲେଖାଏଁ କରି କାରିଗରୀ ସାମଗ୍ରୀ ଆସିବ ଏବଂ ଯାଜପୁର ଜିଲାରୁ ୩୦ଟି ବିଭାଗର ହସ୍ତକୃତୀ ସ୍ଥାନ ପାଇବ। ଏହାଛଡା ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ହସ୍ତଶିଳ୍ପୀମାନଙ୍କର କାରିଗର କୃତିତ୍ୱକୁ ଏକ ସ୍ୱତନ୍ତ୍ର ଷ୍ଟଲ ଜରିଆରେ ପ୍ରଦର୍ଶନ କରାଯିବ। ଏହି ମେଳା ୨୪ ତାରିଖ ମଙ୍ଗଳବାରରୁ ଆରମ୍ଭ ହୋଇ ୩୧ ତାରିଖରେ ଶେଷ ହେବ। ଉକ୍ତ କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୨୦୦ରୁ ଉର୍ଦ୍ଧ୍ୱ କାରିଗର ଅଂଶଗ୍ରହଣ କରିବେ। ପ୍ରଦର୍ଶନୀ ମଞ୍ଚରେ ଓଡିଶୀ ନୃତ୍ୟ, ବଂଶୀବାଦନ, ନୃତ୍ୟ ଓ ସଂଗୀତଜ୍ଞ, କବିତା ଆସର ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାଛଡା ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ହସ୍ତଶିଳ୍ପୀଙ୍କୁ ସମ୍ମାନିତ କରାଯିବ। ପ୍ରଥମ ଥର ପାଇଁ ଆଞ୍ଚଳିକ ଶିଳ୍ପକେନ୍ଦ୍ର ପକ୍ଷରୁ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମରେ ପୁରସ୍କାରପ୍ରାପ୍ତ ପଥର ଶିଳ୍ପୀ ବ୍ରହ୍ମାନନ୍ଦ ମହାରଣା ଓ କାଇଁଚ କାରିଗରୀରେ ସିଦ୍ଧହସ୍ତ ଦୀପ୍ତିରାଣୀ ବେହେରାଙ୍କୁ ସମ୍ମାନିତ କରାଯିବ ବୋଲି ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ପ୍ରଭାତ ମିଶ୍ର ସୂଚନା ଦେଇଛନ୍ତି। ଜାତୀୟ ପୁରସ୍କାରପ୍ରାପ୍ତ ପଥର ଶିଳ୍ପୀ ମହେଶ୍ୱର ଓଝା ଧନ୍ୟବାଦ ଦେଇଥିଲେ।

## ଫସଲବୀମା ସମ୍ପର୍କିତ ସଚେତନତା

**ରସୁଲପୁର, ୨୩।୧୨ (ଡିଏନଏ)**

ରସୁଲପୁର ବ୍ଲକ କୃଷି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କିତ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରବି ଋତୁରେ ଚାଷ କରାଯାଉଥିବା ଫସଲ ମଧ୍ୟରୁ ବାଦାମ, ବିରି, ଚିନାବାଦାମ, ଆଳୁ, ମୁଗ, ଆଖୁ ଭଳି ଫସଲକୁ ପ୍ରଧାନମନ୍ତ୍ରୀ ବୀମାଭୁକ୍ତ କରାଯାଇଛି। ବୀମାଭୁକ୍ତ ଏହି ଫସଲଗୁଡିକ ମଧ୍ୟରୁ ଯେଉଁଗୁଡିକ ପ୍ରାକୃତିକ ବିପର୍ଯ୍ୟୟ, ରୋଗପୋକ ଦ୍ୱାରା ପ୍ରଭାବିତ ହୋଇଥିବ, ସେ ବାବଦରେ କ୍ଷତିପୂରଣ ଆକାରରେ ହେକ୍ଟର ପିଛା ୫୫ ହଜାର ଟଙ୍କା କ୍ଷତିପୂରଣ ମିଳିବ। ଏ ବାବଦରେ ଜଣେ ଚାଷୀକୁ ପ୍ରିମିୟମ ବାବଦକୁ ମାତ୍ର ୮୨୫ଟଙ୍କା ଜମା କରିବାକୁ ପଡିବ। ୨୦୧୯-୨୦ କୃଷି ବର୍ଷର ରବି ଫସଲ ସକାଶେ ଚାଷୀଙ୍କୁ ଆସନ୍ତା ୩୧ ତାରିଖ ସୁଦ୍ଧା ପ୍ରିମିୟମ ରାଶି ଭରିବାକୁ ପଡିବ। ଏଥିପାଇଁ ଜଣେ ଅନ୍ୟୂନ ନିକଟସ୍ଥ ଜନସେବା କେନ୍ଦ୍ରକୁ ଆଧାର କାର୍ଡ, ବ୍ୟାଙ୍କ ପାସ୍ ବୁକ୍ ଓ ନିଜସ୍ୱ ଦସ୍ତଖତ ଥିବା ଏକ ଘୋଷଣାପତ୍ର ସହ ଯାଇ ଫର୍ମପୂରଣ କରି ଦାଖଲ କରିବାକୁ ହେବ ବୋଲି ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ପ୍ରକାଶ କରିଛନ୍ତି। ବ୍ଲକ ବୈଷୟିକ ପରିଚାଳକ ଶ୍ରୀନିବାସ ରାଉତରାୟ, ଗ୍ରାମ୍ୟ କୃଷି କର୍ମଚାରୀ ଚନ୍ଦନ କୁମାର ବେହେରା, ପ୍ରତିମା ଦାସ, ସୁବାସ ସାମଲ ପ୍ରମୁଖ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କୃଷି ଅଧିକ୍ଷକ ନରହରି ଧଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ବୀମା ସମ୍ପର୍କିତ ବିଭିନ୍ନ ଦିଗ ଉପରେ କୃଷି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।





କୃଷକ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

### କାମ ସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି ବିଜୁ ଗ୍ରାମୀଣ ବଜାର

# ଉଦ୍‌ଘାଟନ ନ ହୋଇ ଚାଲିଛି କଲ୍ୟାଣ ମଣ୍ଡପ

**ଦଶରଥପୁର, ୨୩।୧୨ (ଡିଏନ୍ଏ)**

ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ ଥାଲକୁଡି ମୌଜାରେ ୨୦୦୪ ଜାନୁୟାରୀ ୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ କଲ୍ୟାଣ ମଣ୍ଡପ ଥାଲକୁଡି (ମଙ୍ଗଳପୁର) ଓ ବିଜୁଗ୍ରାମୀଣ ବଜାର ଥାଲକୁଡି (ମଙ୍ଗଳପୁର) ପ୍ରମୁଖ ଦୁଇଟି ମେଗା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଉକ୍ତ ଦୁଇ ପ୍ରକଳ୍ପ ପ୍ରାୟ ୧୨ବର୍ଷ ତଳୁ ସମ୍ପୂର୍ଣ୍ଣ ହୋଇସାରିଥିବାବେଳେ ଗତ ୮ବର୍ଷ ତଳୁ କଲ୍ୟାଣ ମଣ୍ଡପଟି ଜନସାଧାରଣଙ୍କ ସେବାରେ ଲାଗିଆସିଛି। ମାତ୍ର ୩୬ବଖରା ବିଶିଷ୍ଟ ବିଜୁ ଗ୍ରାମୀଣ ବଜାର ଏପର୍ଯ୍ୟନ୍ତ ସେବାରେ ଲାଗିପାରି ନାହିଁ। ତେବେ ଉଭୟ ପ୍ରକଳ୍ପ ଏ ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରି ନ ଥିବାରୁ ଏହି ପ୍ରକଳ୍ପ ଦାୟିତ୍ୱରେ ଥିବା ଜନପ୍ରତିନିଧି ଓ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ସୂଚନା ଯେ, ଏହି ଦୁଇ ମେଗା ପ୍ରକଳ୍ପ ବାବଦକୁ ବଜୁକଲ୍ୟାଣ ମଣ୍ଡପ ନିର୍ମାଣରେ ତତ୍କାଳ ଯାଜପୁର ସାଂସଦ ମୋହନ ଯେନାଙ୍କ ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୩୫ଲକ୍ଷ, ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧୦ଲକ୍ଷ ଏମ୍‌ପି ଥିବା ପ୍ୟାରୀମୋହନ ମହାପାତ୍ରଙ୍କ ପାଣ୍ଠିରୁ ୧୧ଲକ୍ଷ ଓ ପରବର୍ତ୍ତୀ ପର୍ଯ୍ୟାୟରେ ମୋହନ ଯେନାଙ୍କ ପାଣ୍ଠିରୁ ୩୫ଲକ୍ଷ ଅନୁଦାନ ସତ୍ତ୍ୱେ ମଣ୍ଡପ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବାବେଳେ ତତ୍କାଳ ଆର୍‌ଡିସିଥିବା ଅରବିନ୍ଦ ପାଢୀ ପେରୀପେରୀ ଡେଭଲପ୍‌ମେଣ୍ଟ ପକ୍ଷରୁ ୧୨ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଥିଲେ। ଏଥିସହ ଏହାର ପାରିପାର୍ଶ୍ୱିକ କାର୍ଯ୍ୟ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଦୀର୍ଘ ୮ବର୍ଷ ହେବ ଏହି ମଣ୍ଡପ ଲୋକଙ୍କୁ ସେବା ଯୋଗାଇ ଦେଇଆସୁଛି। ସେହିପରି ଏଠାରେ ବିଜୁ ଗ୍ରାମୀଣ ବଜାରର ନିର୍ମାଣ ଲାଗି ଯାଜପୁର ଡିଆର୍‌ଡିଏ ସଭାପତି ଥିବା ଗୌତମ ରାୟଙ୍କ ପ୍ରଚେଷ୍ଟା କ୍ରମେ ଡିଆର୍‌ଡିଏ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୩୫ଲକ୍ଷ ଓ ପରେ ଯାଜପୁର ସାଂସଦ ଥିବା ମୋହନ ଯେନାଙ୍କ ପକ୍ଷରୁ ସମ୍ମୁଖ ମାଟି ପକାଯିବା ଓ ଏହାର ଆନୁସଙ୍ଗିକ କାର୍ଯ୍ୟ ପାଇଁ ୧୦ଲକ୍ଷ ଓ ଅନ୍ୟାନ୍ୟ ବିଭଗରୁ ପ୍ରାୟ ଇଲେକ୍ଟ୍ରିଫିକେଶନ କରାଯିବା ଘରଗୁଡ଼ିକରେ ସଟର ଓ ରଙ୍ଗ ଲାଗିବା ଇତ୍ୟାଦିରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୧୨ବର୍ଷ ପରେ ବି ଏଯାବତ୍ ତାହା ଲୋକଙ୍କ ସେବାରେ ଲାଗିପାରି ନାହିଁ। ଗତ ତ୍ରିସ୍ତରୀୟ ନିର୍ବାଚନର ଆଚରଣବିଧି ଲାଗୁ ହେବାକୁ ମାତ୍ର କିଛିଦିନ ଥିବାବେଳେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ୍ ଗ୍ରାମୀଣ ବଜାରକୁ ଉଦ୍‌ଘାଟନ କରିବେ ବୋଲି ଫଳକ ଲଗାଯାଇ ଟେଣ୍ଟ ବନ୍ଧା ସରିଥିବାବେଳେ କୌଣସି କାରଣରୁ ଉଦ୍‌ଘାଟନ ବାତିଲ ହୋଇଯାଇଥିଲା। ଏହି ବଜାର ଯେଉଁ ଉଦ୍ଦେଶ୍ୟରେ ଏଠାରେ ନିର୍ମାଣ ହୋଇଥିଲା, ତାହା ସାଧନ ହୋଇପାରିଲା ନାହିଁ। ଉକ୍ତ ବଜାର ବଣ୍ଟନରେ ବ୍ୟାପକ ଅନୀୟମିତତା ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ଆଶାୟୀ ଜିଲାପାଳଙ୍କୁ ଏନେଇ ଶନିବାର ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଏହି ବଜାର ଗୃହ ମଙ୍ଗଳପୁର ବଜାରରେ ବ୍ୟବସାୟ କରୁଥିବା କେତେଜଣ କୋଟିପତି ବ୍ୟବସାୟୀଙ୍କୁ ଗୋଦାମ ଘର ପାଇଁ ଯୋଗାଇ ଦିଆଯାଇଥିବା ଜଣାଯାଇଛି। ଯଦିଓ ବର୍ତ୍ତମାନ କେହି ଉକ୍ତ ଗୃହକୁ କାର୍ଯ୍ୟରେ ଲଗାଇନାହାନ୍ତି, ଏଠାରେ ବିଧାୟିକାଙ୍କ ଉଦ୍‌ଘାଟନ ପରେ ଗୃହ କାର୍ଯ୍ୟକ୍ଷମ ହେବବୋଲି ଜଣାଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ପୂର୍ବରୁ ଥରେ ଏହି ବଜାରର ଉଦ୍‌ଘାଟନ ବାତିଲ୍ ହୋଇଥିବାବେଳେ ଦ୍ୱିତୀୟ ଥର ୨୧ତାରିଖ ବିଜୁକଲ୍ୟାଣ ମଣ୍ଡପ ଓ ବିଜୁ ଗ୍ରାମୀଣ ବଜାରର ଉଦ୍‌ଘାଟନ ହେବାକୁ ଫଳକ ଲଗାଯାଇ ଟେଣ୍ଟ ବନ୍ଧା ସରିଥିଲେ ହେଁ ତାହା ପୁଣି ବାତିଲ ହୋଇଯାଇଥିବା ଜଣାପଡ଼ିଛି। ୧୫ ବର୍ଷ ପରେ ବି ଏହି ବଜାର ଉଦ୍‌ଘାଟନ ହୋଇନପାରିବା ବଜାର ଖୋଲାଯିବାକୁ ଲଗ୍ନ ଶୁଝୁନାହିଁ ବୋଲି ସାଧାରଣରୁ ଶୁଣିବାକୁ ମିଳିଛି। ଏ ନେଇ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରେ, ବିଧାୟିକାଙ୍କର ବ୍ୟକ୍ତିଗତ ଅସୁବିଧା କାରଣରୁ ଉଦ୍‌ଘାଟନ କାର୍ଯ୍ୟ ବାତିଲ ହୋଇଛି। ଖୁବ୍ ଶୀଘ୍ର ଏହାକୁ ଉଦ୍‌ଘାଟନ କରାଯିବ ବୋଲି କହିଥିଲେ।

### ୧୨ ବର୍ଷରେ ଦୁଇଥର ବାତିଲ ହେଲାଣି ଉଦ୍‌ଘାଟନ କାର୍ଯ୍ୟକ୍ରମ

## ସଂକ୍ଷେପରେ

### ଦିବାରାତ୍ର ଭଲିବଲ: ପିପିଏଲ୍ ଚାମ୍ପିୟନ

**ଏରସମା,୨୩।୧୨(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଗ୍ରାମର ପାଟଣା ହାଟଠାରେ ପୂର୍ବ ଉପକୂଳ ଯୁବକ ସଂଘ ଓ ବିଜୁ ଯୁବବାହିନୀ ମିଳିତ ଆନୁକୂଲ୍ୟରେ ରବିବାର ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏହାକୁ ଢିଙ୍କିଆ ସରପଞ୍ଚ କିଶୋର ପରିଡା ଉଦ୍‌ଘାଟନ କରିଥିଲେ। ମ୍ୟାଚରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ପାରାଦୀପର ପିପିଏଲ ଦଳ ସହିତ ଏହି ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର କୋଠିଦଳ ମଧ୍ୟରେ ହୋଇଥିଲା। ମ୍ୟାଚରେ କୋଠିଦଳକୁ ହରାଇ ପାରାଦୀପର ପିପିଏଲ ଦଳ ଚାମ୍ପିୟନ ହୋଇଥିଲା। କୋଠି ଦଳ ରନସଅପ୍ ହୋଇଥିଲା। ରେଫରୀ ଭାବେ ହେମନ୍ତ ସ୍ୱାଇଁ, ସଂଗ୍ରାମ ଲେଙ୍କା, ସଂଗ୍ରାମ ସ୍ୱାଇଁ, ପ୍ରଦୀପ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ସ୍ଥାନୀୟ ସମବାୟ ସମିତି ସଭାପତି ଅକ୍ଷୟ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାମାଜିକ କର୍ମୀ ରଞ୍ଜନ ବର୍ଦ୍ଧନ, ରଶ୍ମିରଞ୍ଜନ ଦାସ, ସନ୍ଦୀପ ମହାନ୍ତି, ଅରକ୍ଷିତ ଦାସ, ଯୁବ ବାହିନୀ ସଭାପତି ବୁଟୁଲାଲ ମହାପାତ୍ର, ସମ୍ପାଦକ ପ୍ରଭାତ ରଉତ, କୋଷାଧ୍ୟକ୍ଷ ଅରୁଣ ବେହେରା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପିପିଏଲର ଖେଳାଳି ତ୍ରିଦେବ ଓ କୋଠି ଦଳର ଶ୍ରେଷ୍ଠ ସ୍ମାସର ମୁନାଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବକ ସଂଘ ସଭାପତି ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

### ୧୯୯୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ବିରିଡ଼ି,୨୩।୧୨(ଡି.ଏନ.ଏ):** ବିରିଡ଼ି ବ୍ଲକ ଅନ୍ତର୍ଗତ ଅଡ଼ଙ୍ଗଗଡ଼ ପଞ୍ଚାୟତ ନାଇଲୋ ଯଶୋବନ୍ତ ବିଦ୍ୟାପୀଠ ୧୯୯୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ଡାକ ବଙ୍ଗଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ପ୍ରଭାତ କୁମାର ବେହେରାଙ୍କ ନେତୃତ୍ୱରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ବନ୍ଧୁମିଳନରେ ଯୋଗ ଦେଇଥିଲେ। ପରସ୍ପରକୁ ଦେଖି ସମସ୍ତେ ଭାବବିହ୍ୱଳ ହୋଇଥିଲେ। ସେମାନଙ୍କ ମଧ୍ୟରେ ଯିଏ ଯେଉଁ ପଦବୀରେ ଥିଲେ ମଧ୍ୟ ସମସ୍ତେ ଏକାକାର ହୋଇ ଡିଜେ ସାଉଣ୍ଡରେ ତାଳେ ତାଳେ ନାଚିବା ସହ ଗୀତ ଗାଇ ମଉଜ ମଜଲିସ କରିଥିଲେ। ଆଗାମୀ ଦିନରେ ସମସ୍ତଙ୍କ ପରିବାର କିପରି ନିରୋଗୀ ରହିବେ ସମସ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସେମାନଙ୍କ ମଧ୍ୟରେ ଶେଖ ସମିମ, ରଞ୍ଜିତ ମହାରଣା, ରାଜେଶ ରାୟ, ସୁବାଶିଷ ମହାପାତ୍ର, ସତ୍ୟଭାମା ପଟ୍ଟନାୟକ, ବସନ୍ତ ମଞ୍ଜରୀ ରାଉଳ, ରେଣୁବାଳା ସେଠୀ, ଯୋଗେଶ ରାୟ, ଧରିତ୍ରୀ ବାରିକ, ମମତା ଜେନା, ଉମାଶଙ୍କର ପଟ୍ଟନାୟକ, ଅଭୟ ନାୟକ, ପ୍ରସନ୍ନଜିତ ପଟ୍ଟନାୟକ, କମଳାକାନ୍ତ ପୃଷ୍ଟି, ବିକ୍ରମ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ ଓ ତାପସ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ପାରାଦୀପ ମହୋତ୍ସବ ଉଦ୍‌ଘାଟିତ

**ପାରାଦୀପ,୨୩।୧୨(ସ୍ୱ.ପ୍ର.):** ବଡ଼ପଡ଼ିଆସ୍ଥିତ ଜୟଦେବ ସଦନ ପରିସରରେ ସୋମବାର ସନ୍ଧ୍ୟାରେ ପାରାଦୀପ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ଓ ପାରାଦୀପ ମହୋତ୍ସବ କମିଟିକ ପକ୍ଷରୁ ଏହି ଆୟୋଜିତ ଏହି ଉତ୍ସବ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୫ ତାରିଖ ଦିନ ବାଜପେୟୀଙ୍କ ଜୟନ୍ତୀ ପାଳନ କରାଯିବ। ତାଙ୍କରି ସ୍ମୃତିରେ ଏହି ଉତ୍ସବ ଅୟୋଜନ କରାଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ମା' ଘର ଅନୁଷ୍ଠାନର ଅଧ୍ୟକ୍ଷା ରିତୁପର୍ଣ୍ଣ ମହାନ୍ତି। ଯୁବନେତା ସମ୍ପଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ଦିଲୀପ ବିଶୋଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ବିଭନ୍ନ ଷ୍ଟଲ ଖୋଲାଯାଇଛି।

■ ବିନା ସୂଚନା ଫଳକରେ ଚାଲିଛି ରାସ୍ତାକାମ

# ସ୍ଥାୟିତ୍ୱ ଉପରେ ଉଠିଲା ପ୍ରଶ୍ନ

**ନାଉଗାଁ,୨୩।୧୨(ସ୍ୱ.ପ୍ର.)**



ରାସ୍ତାରେ ଡଷ୍ଟ ପକାଯାଇଥିବାରୁ ଧୂଳି ଉଡୁଛି।

■ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ

■ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର-ବାଲିଭଉଁରୀ ମୁଖ୍ୟ ରାସ୍ତାର ପାଳସାହିଠାରୁ ବାଲିଭଉଁରୀ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ରାସ୍ତା ନିର୍ମାଣ ପାଇଁ କେତେ ଅର୍ଥ ବ୍ୟୟ କରାଯାଉଛି ସେ ସମ୍ପର୍କିତ ତଥ୍ୟ ବିଭାଗ ପ୍ରଦାନ କରୁ ନ ଥିବାରୁ କାମ ନିମ୍ନମାନର ହେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ସେମାନେ ଏହି ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠାଇବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି କରିଛନ୍ତି।

ସରକାରୀ ନିୟମାନୁସାରେ ରାସ୍ତା ନିର୍ମାଣ ପୂର୍ବରୁ କାର୍ଯ୍ୟ କରୁଥିବା ଠିକାଦାରଙ୍କ ନାମ, ଅନୁଦାନର ପରିମାଣ, ନିର୍ମାଣ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ, କେତେ ମିଟର କଂକ୍ରିଟ, କେତେ ପିଚୁ ଓ ଏହାର ଭାଗ, ମାପ, ଦୈର୍ଘ୍ୟ, ପ୍ରସ୍ଥ ଆଦି ତଥ୍ୟ ସୂଚନା ଫଳକରେ ପ୍ରଦାନ କରାଯିବା କଥା। କିନ୍ତୁ ଏଭଳି କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଫଳରେ ଜନସାଧାରଣ ରାସ୍ତା ନିର୍ମାଣ ସମ୍ପର୍କରେ ଅବଗତ ହୋଇପାରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାସ୍ତା ନିର୍ମାଣ ସହିତ ଦୁଇ ପାର୍ଶ୍ୱ ପ୍ରଶସ୍ତୀକରଣ କରାଯାଉଛି। ନିୟମାନୁସାରେ ଉଭୟ ପାର୍ଶ୍ୱରେ ମାଟି ପକାଯାଇ ପ୍ରଶସ୍ତୀକରଣ କରାଯିବା ସହିତ ଡଷ୍ଟ ବିଛାଯାଇ ରୋଲିଂ କରାଯିବ। କିନ୍ତୁ ଠିକାଦାର ମନଇଚ୍ଛା ରାସ୍ତା ପାର୍ଶ୍ୱରେ ଥିବା କାଦୁଅ, ପଙ୍କକୁ ରାସ୍ତର ଦୁଇ ପାର୍ଶ୍ୱରେ ଜମା କରୁଛନ୍ତି। ଅପରପକ୍ଷେ ଦୀର୍ଘ ୨ମାସ ହେବ ରାସ୍ତାରେ ଡଷ୍ଟ ବିଛାଯାଇଥିଲେ ମଧ୍ୟ ବାକି କାମ ହେଉନାହିଁ। ଫଳରେ ଯାନବାହନ ଚଳାଚଳବେଳେ ଧୂଳି ଉଡୁଛି। ଏହାଦ୍ୱାରା ପଥଚାରୀ ହୁଅନ୍ତୁ କିମ୍ବା ରାସ୍ତା ପାର୍ଶ୍ୱରେ ଘର କରି ରହୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେହ ରାସ୍ତାରେ ପାଣି ପକାଇବା ନିୟମ ଥିବାବେଳେ ଠିକାଦାର କାଁଭାଁ ପାଣି ପକାଉଛନ୍ତି। ରାସ୍ତା ନିର୍ମାଣର ମାନ ପରୀକ୍ଷା କରାଯାଉ ନାହିଁ। ଯଦ୍ୱାରା ଭାରିଯାନ ଯିବା ଆସିବା ଫଳରେ ରାସ୍ତା ଫାଟିଯିବା ଆଶଙ୍କା ସୃଷ୍ଟି କରୁଛି। ରାସ୍ତାଟି ବାଲି ଭଉଁରୀ-ଶିଖରଘାଟକୁ ସଂଯୋଗ କରୁଥିବାବେଳେ ରାସ୍ତାଦେଇ ପ୍ରତ୍ୟେହ ଯାତ୍ରୀବାହୀ, ମାଲବାହି ଗାଡି ପୁରୀ, କଟକ, ପାରାଦୀପ, ଅସ୍ତରଙ୍ଗ, କାକଟପୁର, ଜଗତ୍‌ସିଂହପୁର ଓ ଭୁବନେଶ୍ୱର ଆଦିକୁ ଯାଉଛି। ଶିଖରଘାଟ ଓ ଏରେଡା ଘାଟରେ ଥିବା ବାଲି ସୌରାତରୁ ମଧ୍ୟ ଏହି ରାସ୍ତାଦେଇ ଶହଶହ ଟ୍ରକ୍ ବାଲି ପରିବହନ କରୁଛନ୍ତି। ତେଣୁ ଏହି ରାସ୍ତାର ଗୁରୁତ୍ୱ ଅଧିକ ରହିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମେଶ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ ସେ କହିଥିଲେ, ପୂର୍ବରୁ ରାସ୍ତା ପାର୍ଶ୍ୱରେ ପଙ୍କ ଦିଆଯାଉଥିଲା, ଏବେ ଆଉ ଦିଆଯାଉନାହିଁ। ଡଷ୍ଟ ଉଡୁଥିବାରୁ ପ୍ରତ୍ୟେହ ପାଣି ସିଞ୍ଚନ କରାଯାଉଛି। ଖୁବଶୀଘ୍ର ପିଚୁ କାର୍ଯ୍ୟ କରାଯିବ। ସୂଚନା ଫଳକ ସମ୍ପର୍କରେ ପଚାରିବାରେ ଅଳ୍ପଦିନ ମଧ୍ୟରେ ଲଗାଯିବ ବୋଲି କହିଥିଲେ। ଏବେ ଦେଖିବାକୁ ଅପେକ୍ଷା ଏସବୁ କେବେ କାର୍ଯ୍ୟକାରୀ ହେଉଛି।



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

# ଜନଶୁଣାଣିରେ ୧୪୫ ଅଭିଯୋଗ ପଞ୍ଜୀକୃତ

**ତିର୍ତ୍ତୋଲ,୨୩।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅନୁପସ୍ଥିତିରେ ଏଡିଏମ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୧୪୫ ଅଭିଯୋଗ ପଞ୍ଜୀକୃତ କରାଯାଇଥିଲା। ଏଥିରେ ଆବାସ ଯୋଜନା ସମ୍ପର୍କିତ ୩୧, ଭତ୍ତା ବାବଦକୁ ୩୪, ରାଶନ କାର୍ଡ ୧୪, କାଳିଆ ଯୋଜନା ସମ୍ପର୍କିତ ୨, ଜମିଜମା ବାବଦକୁ ୯, ଆଇନ ସମସ୍ୟା ସମ୍ପର୍କିତ ୮, ଗାଁ ସମ୍ପର୍କିତ ୮, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ବାବଦରେ ୩ ଓ ଅନ୍ୟାନ୍ୟ ୩୬ ଅଭିଯୋଗ ରହିଥିଲା। ୪ଟି ଅଭିଯୋଗର ବିଚାର କରାଯାଇ ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଶ୍ୱନାଥ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅବଦୁଲ ୱାହାବ ଖାନ, ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ବିଡିଓ ରଞ୍ଜନ କୁମାର ପରିଡାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ପାରାଦୀପରେ ପର୍ଯ୍ୟଟକଙ୍କ ଭିଡ଼

**ପାରାଦୀପ,୨୩।୧୨(ସ୍ୱ.ପ୍ର.)**

**ଆସୁଛି ନୂଆବର୍ଷ**

ଇଂଲିଶ ନୂଆବର୍ଷ ଯେତେ ପାଖେଇ ଆସୁଛି ସେତିକି ମାତ୍ରାରେ ପର୍ଯ୍ୟଟକ ଏବେ ବିଭିନ୍ନ ସ୍ଥାନ ବୁଲିବାକୁ ବାହାରଛନ୍ତି। ଏହିକ୍ରମରେ ଉପକୂଳ ଓଡ଼ିଶାର ଅର୍ଥନୈତିକ ମୁଖଶାଳା ପାରାଦୀପରେ ଏବେ ପର୍ଯ୍ୟଟକଙ୍କ ଗହଳି ଅଧିକ ମାତ୍ରାରେ ଦେଖିବାକୁ ମିଳିଛି। ନେହେରୁ ବଙ୍ଗଳା ମହାନଦୀ ମୁହାଣ ପାଖ ମନ୍ମଜ ଉଦ୍ୟାନ, ବେଳାଭୂମି, ଜଳଜୀବ ସଂଗ୍ରହାଳୟ ଓ ବନ୍ଦର ଭିତରେ ଜାହାଜ ଦେଖିବା ପାଇଁ ଲୋକେ ଭିଡ଼ ଲଗାଇଛନ୍ତି। ରବିବାର କେତେକ ମନ୍ମଜ ଉଦ୍ୟାନରେ ଭୋଜି କରିବା ସହ ନାଚଗୀତ କରୁଥିଲେ। ଏହି ପର୍ଯ୍ୟଟକଙ୍କ ପାଇଁ ନେହେରୁ ବଙ୍ଗଳାରେ ପାର୍କିଂ ସମସ୍ୟା ଉପୁଜିଥିଲା। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସେଠାରେ ସ୍ଥାନୀୟ ମେରାଇନ୍ ପୋଲିସ୍‌କୁ ନାକେଦମ ହେବାକୁ ପଡ଼ିଥିଲା। ଏଥିସହ ପାରାଦୀପ ବେଳାଭୂମିରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଛି। ବେଳାଭୂମି ରାସ୍ତାରେ ୫୦ରୁ ଉର୍ଦ୍ଧ୍ୱ ପିକ୍‌ନିକ୍ ବସ ଓ ଛୋଟକାର ଥିବା ଦେଖିବାକୁ ମିଳିଛି। ନବରଙ୍ଗପୁରରୁ ଆସିଥିବା ଏକ ସ୍କୁଲ ବସର ଶିକ୍ଷୟିତ୍ରୀ ଗୀତାଞ୍ଜଳି କହିଥିଲେ, ଆମ୍ଭେ ପ୍ରଥମଥର ପାଇଁ ପାରାଦୀପ ଆସି ସମୁଦ୍ର ବେଳାଭୂମି ଓ ପଣ୍ୟବାହୀ ଜାହାଜ ଦେଖିବାକୁ ପାଇଲୁ। ଏହି ସହରରେ ଆକର୍ଷଣୀୟ ସ୍ଥାନ ଅଛି। କିନ୍ତୁ ଏଠାରେ ଧୂଳି ପ୍ରଦୂଷଣ ଅଧିକ।

ପାରାଦୀପରେ ପର୍ଯ୍ୟଟକଙ୍କ ପାଇଁ ବିସ୍ତୀର୍ଣ୍ଣ ବେଳାଭୂମି, ମହାନଦୀ ମୁହାଣ ଓ ପଥରବନ୍ଧ, ଓଡ଼ିଶାର ପ୍ରଥମ ବହୁତଳ ପ୍ରାସାଦ, ରାଜ୍ୟର ବୃହତ ମାଛଧରା ବନ୍ଦର, ପାରାଦୀପ ବନ୍ଦରରେ ଜାହାଜ, ଜଳଜୀବ ସଂଗ୍ରହାଳୟ, ଉପୁଲାର ରାଡାର, ବତୀଘର, ଉଦୟବଟଧାମ, ଲୋକନାଥ ମନ୍ଦିର, ପାରେଶ୍ୱର ମନ୍ଦିର ସମେତ ୧୫ଟି ବୃହତ ଶିଳ୍ପ ପର୍ଯ୍ୟଟକ ଦେଖିବାଭଳି ରହିଛି। ପ୍ରବେଶ ପ୍ରସ୍ଥାନ ପାଇଁ ରାଜ୍ୟ ଓ ଜାତୀୟ ରାଜପଥ ରହିଛି। ରାଜ୍ୟ ରାଜପଥ ଦେଇ ଆସିଲେ ଝଙ୍କଡ଼ର ପ୍ରସିଦ୍ଧ ଶାରଳା ମନ୍ଦିର, ଗୋରେଖନାଥ ଦେଖିପାରିବେ। ଜାତୀୟ ରାଜପଥ ଦେଇ ଆସିଲେ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବଜୀଉ ମନ୍ଦିର, ଓଳାଶୁଣି, ରତ୍ନଗିରୀର ବୌଦ୍ଧସ୍ତୁପ, ମହାବିନାୟକ ମନ୍ଦିର, ଚଣ୍ଡିଖୋଲର ଚଣ୍ଡିମନ୍ଦିର ସମେତ ଆହୁରି ଆକର୍ଷଣୀୟ ସ୍ଥାନ ଅଛି। ଏଥିପାଇଁ ପର୍ଯ୍ୟଟକମାନେ ଏବେ ପାରାଦୀପରେ ଅଧିକ ଭାବେ ଭିଡ଼ ଲଗାଇଲେଣି।

# ବିଜେଡିର ପ୍ରତିଷ୍ଠା ଦିବସ ପ୍ରସ୍ତୁତି

**ରଘୁନାଥପୁର,୨୩।୧୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗ ସ୍ୱାମୀ ଅରୁପାନନ୍ଦ କଲେଜରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ପୌରୋହିତ୍ୟ କରିଥିଲେ। ଜିଲା ବିଜେଡି ଉପସଭାପତି ସରୋଜକାନ୍ତ ସ୍ୱାଇଁଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ୫୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ଆସନ୍ତା ୨୬ରେ ପ୍ରତିଷ୍ଠା ଦିବସ ଅରୁପାନନ୍ଦ କଲେଜ ପରିସରରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ବିଭିନ୍ନ ଅଞ୍ଚଳରୁ ମହିଳା ଓ ପୁରୁଷ କର୍ମୀ କିପରି ଆସିବେ ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ର, ଅନ୍ତର୍ଯ୍ୟାମୀ ରାଉତ, ଅଜୟ ବେହେରା, ପ୍ରମୋଦ ଜେନା, ଶେଷଦେବ ସେଠୀ, ସରୋଜ ଦାସ, ଖୋକନ ରାୟ, ପ୍ରଦୀପ୍ତ ମହାନ୍ତି, ପ୍ରମୋଦ ଜେନା, ତାରାକାନ୍ତ ଜେନା, ସରୋଜ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମଦ ବନ୍ଦ ଦାବିରେ ଶୋଭାଯାତ୍ରା




ଶୋଭାଯାତ୍ରା ସହର ପରିକ୍ରମା କରୁଛି।

**ଜଗତ୍‌ସିଂହପୁର ଅଫିସ, ୨୩।୧୨**

ଜଗତ୍‌ସିଂହପୁର ଜିଲାରେ ମଦର ବହୁଳ ବ୍ୟବସାୟ ସାମାଜିକସ୍ଥିତିକୁ ଦୋହଲାଇ ଦେଲାଣି। ଗ୍ରାମାଞ୍ଚଳର ଖଟିଖିଆ, ମୂଲିଆ, ମଜୁରିଆ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରଗୁଡିକ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। କେତେକ ପୁରୁଷ ମଦ୍ୟପାନ କରି ମହିଳାଙ୍କୁ ନିର୍ଯାତନା ଦେବାକୁ ପଛାଉ ନାହାନ୍ତି। ବଡ କଥା ହେଲା ବଳାତ୍କାର ଓ ହତ୍ୟା ଭଳି ଜଘନ୍ୟ ଅପରାଧ ଘଟାଉଥିବା ଯୁବକ କିମ୍ବା ବ୍ୟକ୍ତିମାନେ ନିଶାଷକ୍ତ ଥିବା ଜଣାଯାଏ। ପ୍ରତ୍ୟହ ଏଭଳି ଅନେକ ଘଟଣା ଘଟି ଚାଲିଥିଲେ ସୁଦ୍ଧା ତାହା ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସୋମବାର ଜଗତ୍‌ସିଂହପୁର ସାନ ବଜାରସ୍ଥିତ ସିଭିଲ ସୋସାଇଟି ଫୋରମ ଓ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ମଦ ବନ୍ଦ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଏଭଳି ଅଭିଯୋଗ ଉଠିଥିଲା। ଏଥିରେ କୁହାଯାଇଥିଲା ଯେ, ଏବେ ଗାଁ, ସହରରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ମହିଳା ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ସରକାର ଏହି ପ୍ରସଙ୍ଗକୁ ଗମ୍ଭିରତାର ସହ ବିଚାର କରିବାର ସମୟ ଆସିଛି। ଏଥିସହ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସରକାର ପଦକ୍ଷେପ ନେବା ଜରୁରୀ। ଅନ୍ୟପଟେ ମହିଳାଙ୍କୁ କାମ ଯୋଗାଇ ଦିଆଗଲେ ସମାଜରେ ପରିବର୍ତ୍ତନ ଆସିବ ଏବଂ ପ୍ରତି ପରିବାର ମୁହଁରେ ହସ ଫୁଟିବ। ସମାବେଶରେ ଆଡଭୋକେଟ୍ ବାସୁଦେବ, ଫୋରମ ଅଧ୍ୟକ୍ଷ ନିରଞ୍ଜନ ବାରିକ, ଯୁଗ୍ମ ସମ୍ପାଦିକା ଝରଣା ଦାଶ, ସଙ୍ଗଠନ ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର ଓ ଉପଦେଷ୍ଟା ବିଜନ କୁମାର ମହାପାତ୍ରଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ସମାବେଶ ପୂର୍ବରୁ ଶୋଭାଯାତ୍ରା ଟାଉନ ହଲ୍ ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ପହଞ୍ଚିଥିଲା।

# ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

**ରଘୁନାଥପୁର,୨୩।୧୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ସାନତିହଡ଼ାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ପାଠଚକ୍ର ସମ୍ମିଳନୀ ଓ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଛି। ଏଥିରେ ଆଲୋଚିକା ସ୍ମିତା କାନୁନଗୋ ପରମ୍ପରା ଓ ପରିବର୍ତ୍ତନ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ଇଂ. ଯଦୁନନ୍ଦ ସାମଲ ଦିବ୍ୟଜନନୀଙ୍କ ସାଧନ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଶ୍ରୀପତି ନାୟକ ପାଠଚକ୍ର ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ଶିକ୍ଷାବିତ୍ ବୀରକିଶୋର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବରେ ସାମାଜିକକର୍ମୀ ବୈରାଗୀ ଚରଣ ବାରିକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ବିନୋଦ ଜେନା ଓ ନଟବର ସ୍ୱାଇଁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଅମରେନ୍ଦ୍ର ରାଉତ ସଭା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଭାଗବତ ମନୁଷ୍ୟର ଆତ୍ମଜ୍ଞାନ ଉଦୟ କରିଥାଏ

**ବିରିଡି,୨୩।୧୨(ଡି.ଏନ.ଏ.)**

ଭାଗବତ ହେଉଛି ପବିତ୍ର ଧର୍ମଗ୍ରନ୍ଥ। ଏଥିରେ ବେଦ, ବେଦାନ୍ତ ଓ ଉପନିଷଦ ଆଦିର ସାର ମର୍ମ ରହିଛି। ଭାଗବତ ପ୍ରତ୍ୟେକ ମନୁଷ୍ୟର ଆତ୍ମଜ୍ଞାନ ଉଦୟ କରିଥାଏ। ଫଳରେ ମନୁଷ୍ୟ ସଂସାରରେ ବିଚରଣ କରୁଥିଲେ ସୁଧା ତାକୁ କୌଣସି ମୋହ ଗ୍ରାସ କରେ ନାହିଁ ବୋଲି ବିରିଡ଼ି ବ୍ଲକ ହଳଦିଆପଡା ନୂଆଗାଁ ଭାଗବତ ପୀଠରେ ସପ୍ତାହବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ପ୍ରବଚନ ଓ ପାରାୟଣର ଉଦ୍‌ଯାପନୀ ଉତ୍ସବରେ ମତପ୍ରକାଶ ପାଇଛି। ଆଚାର୍ଯ୍ୟ ଗୌଡିୟ ପରମ୍ପରା ଭୁବନେଶ୍ୱରର ବାବାଜୀ ଭକ୍ତି ଗୌରବ ସୋମନାଥ ଦାସ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି ପାରାୟଣ ଦୀର୍ଘ ୪ ବର୍ଷ ହୋଇଆସୁଛି। ଭାଗବତର ତତ୍ତ୍ୱ ତଥ୍ୟକୁ ଶ୍ରବଣ କରିବା ଲାଗି ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ବାବାଜୀ ଦାସଙ୍କ ସହ ହାଜିପୁର ସମାଧିଗାଦିର ପାଗଲ ବାବା, ପଣ୍ଡିତ ନିରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ପତିତପାବନ ଜେନା ଏବଂ ପ୍ରମୋଦ ନାଥ ଭଜନ ପରିବକ୍ଷେଣ କରିଥିଲେ। ଆଧାତ୍ମିକ କାର୍ଯ୍ୟକ୍ରମକୁ ହଳଦିଆପଡା ନୂଆଗାଁର ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।



ବଡ଼ପଡ଼ିଆସ୍ଥିତ ଜୟଦେବ ସଦନ ପରିସରରେ ଅନୁଷ୍ଠିତ ପାରାଦୀପ ମହୋତ୍ସବରେ ମଞ୍ଚାସୀନ ଅତିଥି।

# ପୁନରୁଦ୍ଧାର ହେଉନି ପୁରୁଣା ପୋଖରୀ

**ନାଉଗାଁ,୨୩।୧୨(ସ୍ୱ.ପ୍ର.)**

**ନାଉଗାଁ ବ୍ଲକ**

■ ନୂଆ ପାଇଁ କରାଯାଉଛି ଯୋଜନା

■ ତୁରନ୍ତ ପୁନରୁଦ୍ଧାର ଦାବି

■ ବ୍ୟବହାର ହୋଇପାରୁନି ଅନେକ ପୋଖରୀ

ଅତୀତରେ ଜଳ ଉତ୍ସ କହିଲେ, ପୋଖରୀ, ଗାଡ଼ିଆ, ନଦୀ ଓ ନାଳକୁ ହିଁ ବୁଝାଉଥିଲା। ସାଧାରଣତଃ ଗାଁ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ପୋଖରୀରୁ ଜଳସଂଗ୍ରହ କରୁଥିଲେ। ଏପରି କି ଗାଁରେ କାଁ, ଭାଁ ନଳକୂପ ଓ କୂଅ ଥିବାରୁ ଜନସାଧାରଣ ପୋଖରୀ ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି। କ୍ରମେ ଗାଁରେ ନଳକୂପ ବସିବା ଦ୍ୱାରା ପୋଖରୀ ଗୁଡିକର ବ୍ୟବହାର କମିଯାଉଛି। ଫଳରେ ଅନେକ ପୋଖରୀ ପୋତି ହୋଇ ଯାଇଥିବା ଦେଖାଯାଇଛି। କେଉଁଠି ପୋଖରୀର ବନ୍ଧ ଭାଙ୍ଗି ଗଲାଣିତ କେଉଁଠି ପୋଖରୀରେ ଦଳ ଭର୍ତ୍ତି ହୋଇଗଲାଣି। ଏଥିଯୋଗୁ ଗାଁ ପରିବେଶ ପ୍ରଦୂଷିତ ହେଉଛି। ପୋଖରୀ ମଧ୍ୟରେ ବିଷାକ୍ତ ସରିସୃପ ବସବାସ କରୁଛନ୍ତି। ହେଲେ ପୋଖରୀ ଗୁଡ଼ିକର ପୁନରୁଦ୍ଧାର ହେଉ ନ ଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ପଞ୍ଚାୟତରେ ଥିବା ପୁରୁଣା ପୋଖରୀ ପନୁରୁଦ୍ଧରା କରାଗଲେ ଗାଁ ପରିବେଶ ସୁସ୍ଥ ରହିବା ସହିତ ପଞ୍ଚାୟତ ପାଣ୍ଠିକୁ କିଛି ଅର୍ଥ ଆସି ପାରିବ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ତେଣୁ ଶୀଘ୍ର ଏହି ପୋଖରୀଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ଦାବି ହୋଇଛି।

ନାଉଗାଁ ବ୍ଲକର ୧୬ ପଞ୍ଚାୟତ ମଧ୍ୟରୁ ଗଜରାଜପୁର ପଞ୍ଚାୟତରେ-୪, ଅଲଣାରେ ୩, ଗଳଦାରୀରେ ୨, ନୂଆଗାଁରେ ୪, ଘୋଡାଂଶରେ ୧, ଜାମୁଗାଁରେ ୧୪, ରୋହିଆରେ ୪, ବଛାଳୋରେ ୪, ଶିଖରରେ ୪, ନାଉଗାଁରେ ୬, ଡେରିକିରେ ୨, ବାଂଶରେ ୧, ଓଷକଣାରେ ୨, ତିରୁଣାରେ ୫ ଓ କୋରୁଅ ପଞ୍ଚାୟତରେ ୩ଟି ପୋଖରୀକୁ ମିଶାଇ ମୋଟ୍ ୫୯ ପୁରୁଣା ପୋଖରୀ ରହିଛି। ସେଥିମଧ୍ୟରୁ ୧୩ ପୋଖରୀର ସ୍ଥିତି ଭଲ ରହିଛି। ଏହି ପୋଖରୀଗୁଡ଼ିକୁ ଗାଁ କ୍ଲବ ଓ ମହିଳା ସ୍ୱୟଂ ସହାୟିକା ଦଳ ମାଛ ଚାଷ କରିବା ପାଇଁ ଲିଜ ଆକାରରେ ନେଇଛନ୍ତି। ୪୬ଟି ପୋଖରୀ ପୁନରୁଦ୍ଧରା ଅପେକ୍ଷାରେ ରହିଛି। ବର୍ତ୍ତମାନ ପଞ୍ଚାୟତରେ ଥିବା ପୋଖରୀ ଗୁଡିକରେ ଗାଧୁଆ ତୁଠ ନିର୍ମାଣ କରାଯାଉଥିବାବେଳେ ଅନେକ ପଞ୍ଚାୟତରେ ଦଳ ଓ ଆବର୍ଜନା ପୂର୍ଣ୍ଣ ପୋଖରୀରେ ତୁଠ ତିଆରି କରାଯାଇଥିବା ଅଭିଯୋଗ ହୋଇଛି। ଯେଉଁ ପୋଖରୀ ପନରୁଦ୍ଧାର ଅପେକ୍ଷାରେ ରହିଛି ସେହି ପୋଖରୀ ଗୁଡିକ ପୁନରୁଦ୍ଧାର କରାଗଲେ ଲୋକେ ଉପକୃତ ହୋଇପାରିବେ। ସରକାର ଏବେ ମୋ ପୋଖରୀ ଯୋଜନାରେ ନୂତନ ପୋଖରୀ ଖୋଳିବାର ବ୍ୟବସ୍ଥା କରିଥିଲେ ମଧ୍ୟ ପୁରୁଣା ପୋଖରୀ ଖୋଳା ନ ଯାଇ ତାହା ପୋତି ହୋଇ ପଡୁଥିବା ଦେଖାଯାଇଛି। ଅପରପକ୍ଷେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ପୁରୁଣା ପୋଖରୀ ମଧ୍ୟରୁ ଅଳ୍ପ କେତୋଟି ପୋଖରୀର ପୁନରୁଦ୍ଧରା କରାଯିବାର ଯୋଜନା କରାଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଦିନେଶ ରାୟଙ୍କୁ ପଚାରିବାରେ ପଞ୍ଚାୟତ ପ୍ରତିନିଧିଙ୍କ ସହ କଥା ହୋଇ କିପରି ପୋଖରୀଗୁଡ଼ିକୁ ପୁନରୁଦ୍ଧାର କରାଯାଇ ପାରିବ ସେ ଦିଗରେ ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏବେ ଦେଖିବାକୁ ଅପେକ୍ଷା କେବେ ଏସବୁ ପୋଖରୀଗୁଡ଼ିକର ପୁନରୁଦ୍ଧାର କରାଯାଉଛି।

## ଟ୍ରକ୍ ମାଲିକ ସଂଘ ବିବାଦ ଘନେଇଲା

# ଅଧାବାଟରୁ ଫେରିଗଲେ ମନ୍ତ୍ରୀ, ବିଧାୟକ

ପାରାଦୀପ,୨୩।୧୨(ସ୍ୱ.ପ୍ର.)



ପିପିଏଲ୍ ଛକରେ ପୁରୁଣା ସଂଘର ଟ୍ରକ ମାଲିକମାନେ ରୁଣ୍ଡ ହୋଇଛନ୍ତି।

■ପୁରୁଣା ସଂଘର ବିରୋଧ
■ନୂଆ ସଂଘ କାର୍ଯ୍ୟକ୍ରମ ବାତିଲ

କିଛି ଦିନର ନିରବତା ପରେ ପୁଣି ପାରାଦୀପରେ ଟିୱାର ଆରମ୍ଭ ହୋଇଛି। ଅର୍ଥାତ୍ ନୂଆ-ପୁରୁଣା ଟ୍ରକ ମାଲିକ ସଂଘ ମଧ୍ୟରେ ବିବାଦ ମୁଣ୍ଡ ଟେକିଛି। ନୂଆ ସଂଘ (ପାରାଦୀପ ଫୋର ଟି ସଂଘ) ସୋମବାର ପ୍ରଥମକରି ପରିବହନ ଆରମ୍ଭ କରିବା ପାଇଁ ଏକାଠି ହୋଇଥିବାବେଳେ ତାକୁ ବନ୍ଦ କରିବା ପାଇଁ ପୁରୁଣା ସଂଘର ୩ ହଜାରରୁ ଊର୍ଦ୍ଧ୍ୱ ମାଲିକ ପିପିଏଲ୍ ଛକରେ ରୁଣ୍ଡ ହୋଇଥିଲେ। ଏହାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ରିପୋର୍ଟ ଲେଖା ହେବା ସୁଦ୍ଧା ଏହି ବିବାଦକୁ ଟାଳିବା ପାଇଁ ପ୍ରଶାସନ ପକ୍ଷରୁ କସରତ ଚାଲିଥିଲା। ଅପରପକ୍ଷେ ନୂଆସଂଘର ଉଦ୍‌ଘାଟନୀ ସଭାକୁ ଆସୁଥିବା ଜଣେ ମନ୍ତ୍ରୀ, ବିଧାୟକ ଓ ଏମ୍‌ପି ବିବାଦ ଯୋଗୁ ଅଧାବାଟ ଜୟପୁରରୁ ଭୁବନେଶ୍ୱର ଫେରି ଯାଇଥିଲେ।

ସୂଚନାଯୋଗ୍ୟ, ପାରାଦୀପରେ ୩ଟି ଟ୍ରକ ମାଲିକ ସଂଘ ରହିଛି। ସେଗୁଡିକ ହେଲା ପାରାଦୀପ ଟ୍ରକ ମାଲିକ ସଂଘ, ଜଗନ୍ନାଥ ଟ୍ରକ ମାଲିକ ସଂଘ ଓ ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘ। ଏହି ୩ ସଂଘ ପଣ୍ୟ ପରିବହନ କ୍ଷେତ୍ରରେ ଶୃଙ୍ଖଳା ଓ ବାହାର ସଂଘକୁ ବ୍ୟବସାୟ ନ କରିବା ପାଇଁ ଏକ ସମନ୍ୱୟ କମିଟି ଗଠନ କରିଛନ୍ତି। ଯାହାର ନାମ ଜେସିସି (ଜଏଣ୍ଟ କୋ ଅର୍ଡିନେଶନ କମିଟି) ରହିଛି। ଏହି ନିୟମରେ ଗାଡି ମାଲିକ ସଂଘର ସଦସ୍ୟତା ଅନୁସାରେ ବୋଝେଇ କରିଥାନ୍ତି। ଯଥା ୧୦୦ ଗାଡି ଦରକାର ହେଲେ ପାରାଦୀପ ସଂଘ ୫୨, ଜଗନ୍ନାଥ ସଂଘର ୩୩ ଓ ଜିଲା ସଂଘ ୧୫ ପ୍ରତିଶତ ଗାଡି ଯୋଗାଇଥାନ୍ତି। ଏହି ୩ଟି ଯାକ ସଂଘର ଏପରି ବ୍ୟବସାୟରେ ଏବେ ସୁଦ୍ଧା ପ୍ରାୟ ୧୫ ହଜାର ଟ୍ରକ ଚାଲିଛି। କିନ୍ତୁ ୩ଟି ସଂଘ ଆଉ ନୂଆ ସଦସ୍ୟ ଗ୍ରହଣ କରୁନାହାନ୍ତି। ସଂଘରେ ଥିବା ସଦସ୍ୟମାନେ ଏକରୁ ୨୫ ଖଣ୍ଡ ପର୍ଯ୍ୟନ୍ତ ଗାଡି କରୁଥିଲେ ହେଁ ନୂଆ ଟ୍ରକ ମାଲିକଙ୍କୁ ସୁଯୋଗ ଦେଉ ନ ଥିଲେ। ଏପରି ଜେସିସିର ଏକପାଖିଆ ନିଷ୍ପତ୍ତି ବିରୋଧରେ ଅସନ୍ତୋଷ ଲାଗି ରହିଥିଲା। ଗତ ବର୍ଷେ ହେଲା କେତେକ ଲୋକ ୪ଟି (ଫୋର ଟି) ଯଥା ଟ୍ରକ ଟ୍ୟାଙ୍କର ଟିପ୍ପର ଟ୍ରଲର ସଂଘ କରିଛନ୍ତି। ଏହାର ପ୍ରଚ୍ଛଦ ପଟରେ କେନ୍ଦ୍ରାପଡ଼ା ଜିଲାର ଜଣେ ପ୍ରଭାବଶାଳୀ ବ୍ୟକ୍ତି ରହିଛନ୍ତି। ଏହି ନୂଆ ସଂଘରେ ଏବେ ସୁଦ୍ଧା ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ହେଲେଣି। ଏହି ସଂଘ ପିପିଏଲ୍ କମ୍ପାନୀର ଜିପସମ୍ ପରିବହନ କରିବ ବୋଲି ଏକ ପରିବହନକାରୀ ସଂସ୍ଥାଠାରୁ ସ୍ୱୀକୃତି ପାଇଛି।

ଏହିକ୍ରମରେ ନୂଆସଂଘ ଏହି ପରିବହନ ଆରମ୍ଭ ପାଇଁ ସୋମବାର ଉଦ୍‌ଘାଟନୀ ସଭା କରିବ ବୋଲି ଦୁଇଦିନ ପୂର୍ବରୁ ସୂଚନା ମିଳିଥିଲା। ଉକ୍ତ ସଭାରେ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ସମ୍ବିତ ରାଉତରାୟ, ଏମ୍‌ପି ରାଜଶ୍ରୀ ମଲିକ ଯୋଗ ଦେବାର ଥିଲା। ସଭା ଲକ୍ଆନା ଅନ୍ତର୍ଗତ ସିଙ୍ଗଟାଳିଠାରେ ଆୟୋଜନ ହୋଇଥିଲା। ଉଦ୍‌ଘାଟନ ପିପିଏଲ୍ ଛକରେ କରାଯାଇଥାନ୍ତା। ନୂଆ ସଂଘର ଜିପସମ୍ ପରିବହନ ପାଇଁ ୪ଟି ଟ୍ରକ କମ୍ପାନୀ ଭିତରେ ପଶିଥିଲା। ମାତ୍ର ଏହି ଖବର ପାଇବା ପରେ ୩ଟି ସଂଘର ମାଲିକ ପିପିଏଲ୍ ଛକରେ ରୁଣ୍ଡ ହୋଇ ଆକ୍ରମଣାତ୍ମକ ଢ଼ଙ୍ଗରେ ଥିଲେ। ଉକ୍ତ ଖବର ଅପରାହ୍ନରେ ପ୍ରଚାରିତ ହେବା ପରେ ନେତାମାନେ ଫେରିଯାଇଥିଲେ। ଘଟଣାସ୍ଥଳରେ ପାରାଦୀପ ମଡେଲ ଥାନା ପୋଲିସ ଉପସ୍ଥିତ ଅଛି। ନୂଆ ସଂଘ ପକ୍ଷରୁ କିଛି ସମୟ ବୈଠକ କରାଯାଇ ସଭା ଶେଷ କରାଯାଇଛି। କିନ୍ତୁ କୌଣସି ପ୍ରତିକ୍ରିୟା ଗଣମାଧ୍ୟମକୁ ଦେବାକୁ ନୂଆ ସଂଘ କର୍ମକର୍ତ୍ତା ମନା କରିଛନ୍ତି। କେବଳ ଆମେ ନ୍ୟାୟରେ ଅଛୁ। ପ୍ରଶାସନ ଯାହା କିଛି କରିବ ବୋଲି କର୍ମକର୍ତ୍ତା ବାମଦେବ ସାହୁ କହିଥିଲେ। ଜେସିସି ପକ୍ଷରୁ ଆଲୋକ ପରିଡ଼ା କହିଥିଲେ, ୧୦ ବର୍ଷ ପୂର୍ବେ ଆରଡିସିସ୍ତରୀୟ ବୈଠକରେ ଆମ୍ଭେ ୩୦ ପ୍ରତିଶତ ଜିପସମ୍ ପରିବହନ କରିବୁ ବୋଲି ଚୁକ୍ତି ହୋଇଛି। ଏବେ ଆମ୍ଭର ୩ଟି ଯାକ ସଂଘରେ ସଦସ୍ୟ ସଂଖ୍ୟା ଅଧିକ ଥିବାରୁ ନୂଆଗାଡ଼ି ସଦସ୍ୟତା ସାମୟିକ ଭାବେ ବନ୍ଦ କରିଛୁ। ଯେବେ ଶିଳ୍ପ ସଂସ୍ଥାରେ ଅଧିକ ଗାଡି ଆବଶ୍ୟକ ପଡ଼ିବ ସେତେବେଳେ ଆମ୍ଭେ ନୂଆଗାଡି ଗ୍ରହଣ କରିବୁ। ଏବେ କୌଣସିମତେ ନୂଆ ସଂଘକୁ ଜିପସମ୍ ପରିବହନ କରିବାକୁ ଦେବୁନାହୁଁ।

## ଅତଲାପୁର ପଞ୍ଚାୟତରେ ଦୁର୍ନୀତି ମାମଲା

# ତଦନ୍ତକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମାରପିଟ

ରସୁଲପୁର,୨୩।୧୨(ଡିଏନଏ)

ରସୁଲପୁର ବ୍ଲକ ଅତଲାପୁର ପଞ୍ଚାୟତରେ ଦୁର୍ନୀତି ହୋଇଛି ବୋଲି ଗତ ୧୬ତାରିଖରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବ୍ଲକ ପକ୍ଷରୁ ସୋମବାର ଏକ ତଦନ୍ତକାରୀ ଦଳ ପ୍ରକଳ୍ପଗୁଡିକୁ ବୁଲି ଦେଖିବା ସହ ଅଭିଯୋଗକାରୀଙ୍କ ସହ ଆଲୋଚନା କରିଥିଲେ । ଅଭିଯୋଗକାରୀ ପଞ୍ଚାୟତର ୧୪ନଂ ୱାର୍ଡସଭ୍ୟ ନରେନ୍ଦ୍ର ସାହୁ ଘରକୁ ଫେରୁଥିବାବେଳେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ ସାହୁ ତାଙ୍କୁ ମାଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହା ସହିତ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷରେ ସରପଞ୍ଚ ସାହୁଙ୍କ ପକ୍ଷରୁ ଥାନାରେ ୱାର୍ଡସଭ୍ୟ ନରେନ୍ଦ୍ରଙ୍କ ବିରୋଧରେ ପାଲଟା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ପୋଲିସ ଘଟଣାର ତଦନ୍ତ କରୁଛି।

ପ୍ରକାଶ ଯେ, ପଞ୍ଚାୟତର ୱାର୍ଡସଭ୍ୟ ଓ ପଞ୍ଚାୟତବାସୀଙ୍କ ପକ୍ଷରୁ ପଞ୍ଚାୟତରେ ଦୁର୍ନୀତି ହେଉଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଡିଓଙ୍କ ନିର୍ଦ୍ଦେଶ ମୁତାବକ ଏବିଡିଓ ଉପେନ୍ଦ୍ର କୁମାର ସାହୁଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତାଙ୍କୁ ସହଯୋଗ କରିବା ପାଇଁ ବ୍ଲକର ଦୁଇ ଅଧିକାରୀଙ୍କୁ କୁହାଯାଇଥିଲା । ଏ ଦିଗରେ ବିଡିଓ ଚିଠି ନଂ-୮୨୦୩ରେ ଅଭିଯୋଗକାରୀଙ୍କୁ ପ୍ରକଳ୍ପ ସ୍ଥଳରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ମୁତାବକ ସୋମବାର ପୂର୍ବାହ୍ନରେ ତଦନ୍ତକାରୀ ଦଳ ପଞ୍ଚାୟତରେ ପହଁଚିଥିଲେ। ଅଭିଯୋଗକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରକଳ୍ପ ନିର୍ମାଣରେ ହୋଇଥିବା ଅନିୟମିତତା ସମ୍ପର୍କରେ ତଦନ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏଥିରେ ସରପଞ୍ଚ ରାଗି ଯାଇ ତାଙ୍କୁ ଆକ୍ରମଣ କରିଥିଲେ । ସେ ଘରକୁ ଫେରୁଥିବା ସମୟରେ ତାଙ୍କୁ ମାଡ ମାରିବା ସହ ତାଙ୍କଠାରୁ ୧୨ଶହ ଟଙ୍କା ଛଡାଇ ନେଇଥିଲେ। ଏଥିରେ ସରପଞ୍ଚଙ୍କ ସମର୍ଥକ ପ୍ରକାଶ ସାହୁ, ରାକେଶ ସାହୁ, ଏସାମ ଉଦ୍ଦିନ ସାମିଲ ଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା (ନଂ-୩୭୦/୧୯) ରୁଜୁ କରିଥିବାବେଳେ ୱାଡସଭ୍ୟ ନରେନ୍ଦ୍ର ପଞ୍ଚାୟତ କାର୍ଯ୍ୟାଳୟରେ ପଶି ତାଙ୍କୁ ମାଡ ମାରିଥିଲେ ବୋଲି ସରପଞ୍ଚ ସାହୁ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଆଉ ଏକ ମାମଲା (ନଂ-୩୬୯/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି।






## ବାଇକ୍ ଧକ୍କାରେ ଗୁରୁତର ନାବାଳକଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ବରୀ/ରତ୍ନଗିରି,୨୩।୧୨ (ସ୍ୱ.ପ୍ର/ଡି.ଏନ.ଏ)

ବରୀବ୍ଲକ ଅଧୀନ ଭଅଁରା ପଞ୍ଚାୟତ ସଂଗଦେଇପୁର ଗ୍ରାମର ଜଣେ ନାବାଳକଙ୍କୁ ଶନିବାର ଏକ ବାଇକ୍ ଧକ୍କା ଦେଇଥିବାବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ସୋମବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଉତ୍ତେଜିତ ହୋଇ ବରୀ -କୁଆଖିଆ ରାସ୍ତାର ମାଳଦା ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ୪ଘଣ୍ଟା ହେଲା ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ମୃତ ନାବାଳକ ଉକ୍ତ ଗ୍ରାମର ଭରତ ଜେନାଙ୍କ ପୁଅ ବାଦଲ(୧୨) ବୋଲି ଜଣାପଡ଼ିଛି। ବାଦଲ ଶଙ୍ଖାରିଗଡା ଅଭିମୁଖେ ସାଇକେଲ ଯୋଗେ ଆସୁଥିବାବେଳେ ମାଳଦାଛକରୁ ଆସୁଥିବା ଜଣେ ବାଇକ ଆରୋହୀ ତାଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଏଥିରେ ବାଦଲ ଗୁରୁତର ହୋଇ ପ୍ରଥମେ ଯାଜପୁର ଓ ପରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ରବିବାର ଅପରାହ୍ନରେ ସେଠାରେ ବାଦଲଙ୍କରର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ସୋମବାର ମୃତଦେହ ଗ୍ରାମକୁ ଫେରିଥିଲା। ଏହାପରେ ଉତ୍ତ୍ୟକ୍ତ ଲୋକେ ମୃତଦେହକୁ ମାଳଦା ଛକ ରାସ୍ତା ଉପରେ ରଖି କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ ବରୀ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲା। ରାତି ପ୍ରାୟ ୮ଟା ୩୦ରେ ଡିଏସ୍‌ପି ରବୀନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ପ୍ରଦାନ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀଙ୍କ ଘର କେନ୍ଦୁଝର ଜିଲା ବୋଲି ଜଣାପଡିଛି। ବାଦଲ ଭରତଙ୍କର ଏକମାତ୍ର ପୁଅ ଥିଲେ।

## ■ ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ

# ୪ ପରିବାରର ୮ ବଖରା ଜଳିଗଲା

ମହାକାଳପଡ଼ା, ୨୩।୧୨ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଅଧୀନ ରାଜଗଡ଼ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଗ୍ୟାସ୍ ଟାଙ୍କି ଫାଟି ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିଲେ ବି ୪ ପରିବାରର ୮ବଖରା ଭସ୍ମୀଭୂତ ହୋଇଯାଇଛି। ଗ୍ରାମର ସରସ୍ୱତୀ ରାଉତଙ୍କ ରୋଷେଇ ଘରେ ଥିବା ଗ୍ୟାସ୍ ଫାଟିବା ଯୋଗୁ ଏଭଳି ଭୟାବହ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଗ୍ୟାସ୍ ଫାଟିବା ଯୋଗୁ ସରସ୍ୱତୀଙ୍କ ୩ ବଖରା ଜଳି ଯାଇଥିବା ବେଳେ ପଡୋଶୀ ଜୟଦେବ ରାଉତଙ୍କ ୨ବଖରା, ମୁକୁନ୍ଦ ରାଉତଙ୍କ ୨ବଖରା, ଦୁର୍ଯ୍ୟୋଧନ ରାଉତଙ୍କ ୨ବଖରା ଓ ସୁବାସ ରାଉତଙ୍କ ୨ବଖରା ଜଳିଯାଇଛି। ଖବରପାଇ ମହାକାଳପଡ଼ା ଓ କେନ୍ଦ୍ରାପଡ଼ା ଅଗ୍ନିଶମ ସେବା ସଂସ୍ଥାର ୨ଟି ଗାଡ଼ି ଅଗ୍ନିକାଣ୍ଡସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜଗଡ଼ ସରପଞ୍ଚ ପଦ୍ମନାଭ ପ୍ରତିହାରୀ ଅଗ୍ନି ବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି। ତେବେ ସରସ୍ୱତୀ ଓ ଦୁର୍ଯ୍ୟୋଧନଙ୍କ ୨ ଗାଈ ଅଗ୍ନିକାଣ୍ଡରେ ଅର୍ଦ୍ଧଦଗ୍ଧ ହୋଇଛନ୍ତି।







## ସଂକ୍ଷେପରେ

### ଆହାର କେନ୍ଦ୍ରରେ ଖାଇଲେ ବିଧାୟକ

**ଦଶପଲ୍ଲା,୨୩।୧୨(ଡି.ଏନ୍.ଏ.):** ସୋମବାର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ହଠାତ୍ କୁଞ୍ଜବନ ଖଡ଼ିଠାରେ ଆହାର କେନ୍ଦ୍ରରେ ପହଞ୍ଚି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଟିକେଟ କାଟି ସାଧାରଣ ଲୋକଙ୍କ ସହ ଧାଡ଼ିରେ ଛିଡ଼ାହୋଇ ଭାତ, ଡାଲମା ଖାଇଥିଲେ। ଏହି ଅବସରରେ ସେ ସାଧାରଣ ଲୋକଙ୍କଠାରୁ ମତାମତ ଗ୍ରହଣ କରିଥିଲେ। ଏଠାକୁ ବର୍ତ୍ତମାନ ୨୫୦ଜଣଙ୍କ ପାଇଁ ଖାଦ୍ୟ ଆସୁଥିବାବେଳେ ଏହାକୁ ୩ ଶହକୁ ବୃଦ୍ଧି କରିବା ପାଇଁ କେତେକ ଲୋକ ଅନୁରୋଧ କରିଥିଲେ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

### ଚୋରି ପାଣି ପମ୍ପ ଜବତ, ୨ ଗିରଫ

**ଓଡ଼ଗାଁ,୨୩।୧୨(ସ୍ୱ.ପ୍ର.):** ସ୍ଥାନୀୟ ଆଦର୍ଶ ଥାନା ଆମ୍ବରାପୁର ପାଣିପଞ୍ଚାୟତର ପାଣି ପମ୍ପ ଚୋରି ଅଭିଯୋଗରେ ପୋଲିସ ସୋମବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଲେଜ ରୋଡରେ ଥିବା ଗୁଣ୍ଡାସାହିର ଦିଲୀପ ପ୍ରଧାନ ଓ ଆମ୍ବରାପୁରର ଅମର ପ୍ରଧାନ। ଏଥିରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନା ଅନୁସାରେ ପାଣିପଞ୍ଚାୟତ ଦ୍ୱାରା କୁସୁମୀ ନଦୀ କୂଳରେ ଚାଷୀମାନଙ୍କ ଉଦ୍ଦେଶ୍ୟରେ ବସାଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ପାଣିପମ୍ପ ସେପ୍ଟେମ୍ବର ୧୪ ତାରିଖରେ ଚୋରି ହୋଇଥିବା ନେଇ ସମ୍ପାଦକ ପାଣ୍ଡବ ସେଠୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୬୦/୧୯ରେ ଏକ ମକଦ୍ଦମା ରୁଜୁ କରି ମାମଲାର ତଦନ୍ତ କରୁଥିଲା। ଏପରିସ୍ଥଳେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଦିଲୀପଙ୍କ କବାଡି ଗୋଦାମରୁ ଚୋରି ପାଣିପମ୍ପ ଜବତ କରି ତାଙ୍କୁ ଗିରଫ କରିଥିଲା। ପଚରାଉଚୁରା ସମୟରେ ସେ ଅମରଙ୍କ ସମେତ ଧର୍ମେନ୍ଦ୍ର ବିଷୋୟୀ, ପୂର୍ଣ୍ଣଚନ୍ଦ୍ର ଖଣ୍ଡେଇ ଓ ଗୋବିନ୍ଦ ଜେନା(୨୪)ଙ୍କଠାରୁ ପମ୍ପ କିଣିଥିବା ପ୍ରକାଶ କରିଥିଲେ।

### ଧାନମଣ୍ଡି ଉଦ୍‌ଘାଟିତ



**ଦଶପଲ୍ଲା,୨୩।୧୨(ଡି.ଏନ୍.ଏ.):** ଦଶପଲ୍ଲା କୁଞ୍ଜବନଗଡ଼ସ୍ଥିତ ମହାବୀର ସମବାୟ ସମିତି ପକ୍ଷରୁ ସୋମବାର ପ୍ରଥମ ଧାନମଣ୍ଡି ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଦଶପଲ୍ଲା, ସରିଗଣ୍ଡା, ନଛିପୁର ଆଦି ୩ ପଞ୍ଚାୟତର ୩୯୦ ଚାଷୀ ଏହି ଧାନମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ପ୍ରାୟ ୯ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ନିମନ୍ତେ ସ୍ଥିର ହୋଇଛି। ପ୍ରଥମ ଦିନରେ ୧୭ ଜଣ ଚାଷୀଙ୍କୁ ୫୩୧ କୁଇଣ୍ଟାଲ ଧାନ ଦେବା ନିମନ୍ତେ ଟୋକନ ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଧାୟକଙ୍କ ସମେତ ଏନ୍ଏସି ଚେୟାରମ୍ୟାନ ବବିତା ସାହୁ, ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ସୋସାଇଟି ସଭାପତି ଦେବରାଜ ସାହୁ, ସମ୍ପାଦକ ବେଲାଳସେନ ସାହୁ, ଡାଇରେକ୍ଟର ଦିଲ୍ଲୀପ କୁମାର ପଣ୍ଡା, ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ନାହାକ ପ୍ରମୁଖ ଯୋଗଦାନ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

**ବୋଲଗଡ଼,୨୩।୧୨(ଡି.ଏନ.ଏ.):** ବୋଲଗଡ ବ୍ଲକ ଅସରଳା ଦଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସୁନ୍ଦରାୟ (୬୨)ଙ୍କ ସୋମବାର ପରଲୋକ ହୋଇଯାଇଛି। ଖବର ପ୍ରଚାରିତ ହେବା ପରେ ଜନ୍ମସ୍ଥାନ ଅସରଳା ସମେତ ସମଗ୍ର ବ୍ଲକ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ଅବିଭକ୍ତ ବାଙ୍କୋଇଦେଶ ପଞ୍ଚାୟତରୁ ଥରେ ଓ ଅସରଳାଦଳ ପଞ୍ଚାୟତରୁ ୨ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ୩ଥର ଅସରଳା ସେବା ସମବାୟ ସମିତି ପରିଚାଳନା ପରିଷଦର ସଭାପତି ରହିଥିଲେ। ଅସୁସ୍ଥତା କାରଣରୁ ସେ ଶଯ୍ୟାଶାୟୀ ରହିଥିଲେ। ସୋମବାର ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଛି।

## ଭାଷା ଆନ୍ଦୋଳନ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ

# ବିଦଗ୍ଧ ପ୍ରତିଭାଙ୍କ ଜୟନ୍ତୀ ପାଳନକୁ ନେଇ କ୍ଷୋଭ

### ୪ ଦଫା ଦାବିରେ ଆନ୍ଦୋଳନ ଚେତାବନୀ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ନୟାଗଡ଼ ଅଫିସ,୨୩।୧୨**

ନୟାଗଡ଼ ଭାଷା ଆନ୍ଦୋଳନ ସମିତି ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଦଗ୍ଧ ପ୍ରତିଭାମାନଙ୍କ ଜୟନ୍ତୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ ସମୟରେ ପାଳନ କରାଯିବା ଓ କବିମାନଙ୍କ ଉପାଧିକୁ ନେଇ କେତେକ ଅନୁଷ୍ଠାନ ଅସମ୍ମାନିତ କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ସେମାନେ ଏଥିରୁ ବିରତ ନ ହେଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ସମିତି ଚେତାବନୀ ଦେଇଛି।

ସମିତିର ପ୍ରତିଷ୍ଠାତା ସଦସ୍ୟ ଚନ୍ଦ୍ର ବିଜୟୀ ମିଶ୍ର ଖବରଦାତା ସମ୍ମିଳନୀରେ କହିଥିଲେ, ନୟାଗଡ଼ ଜିଲାର ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜୟନ୍ତୀ ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ମନଇଚ୍ଛା ପାଳନ କରୁଛନ୍ତି। ଡିସେମ୍ବର ୧୩ ତାରିଖରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମଠାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜୟନ୍ତୀ ପାଳନ କରାଯାଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଏହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଇଛି। ସେହିଭଳି କିଛି ଅନୁଷ୍ଠାନ ଡିସେମ୍ବର ୨୪ ତାରିଖରେ ଏହି ଉତ୍ସବ ପାଳନ କରୁଛନ୍ତି। ଏହା ଦ୍ୱାରା ରାଜ୍ୟବାସୀଙ୍କ ପାଖରେ ବିଭ୍ରାନ୍ତିମୂଳକ ବାର୍ତ୍ତା ପହଞ୍ଚୁଛି। ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ପଠାଣି ସାମନ୍ତଙ୍କ ଜୟନ୍ତୀ ପାଳନ କରାଯିବା ପାଇଁ ସେ ଦାବି କରିଥିଲେ। ସେହିଭଳି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ନାମକୁ କଦର୍ଥ କରି ଜିଲାର କେତେକ ସାହିତ୍ୟିକ ଅନୁଷ୍ଠାନ ଅଯଥା ବିବାଦ କରୁଛନ୍ତି। କିଛି ଅନୁଷ୍ଠାନ ପକ୍ଷରୁ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ବୋଲି ଯୁକ୍ତି ବଢ଼ାଯାଉଛି। ଅନ୍ୟପଟେ କିଛିଦିନ ପରେ ନୟାଗଡ଼ ଲେଖକ ପରିଷଦ ପକ୍ଷରୁ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପୁରସ୍କାର ପ୍ରଦାନ କରାଯିବ, ଯାହାକୁ ଭାଷା ଆନ୍ଦୋଳନ ବିରୋଧ କରିଛି। କବିସୂର୍ଯ୍ୟ ବଳଦେବ ରଥ ଉପାଧି ପାଇଥିବା ବେଳେ କିପରି କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା କରାଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। ଏଭଳି ବିବାଦରୁ ଦୂରେଇ ରହିବା ପାଇଁ ସେ ଅନୁରୋଧ କରିଥିଲେ। ରାଜ୍ୟ ଶିକ୍ଷା ଓ ଶିକ୍ଷକ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ୩ୟ ଶ୍ରେଣୀ ସାହିତ୍ୟ ବହିରେ ପଠାଣି ସାମନ୍ତଙ୍କ ପିତାଙ୍କ ନାମ ଶ୍ୟାମ ସୁନ୍ଦର ସିଂହ ଛପାଯାଇଛି। କିନ୍ତୁ ତାଙ୍କର ପ୍ରକୃତ ନାମ ହେଉଛି ଶ୍ୟାମବନ୍ଧୁ ସିଂହ। ସେହିଭଳି ନବମଶ୍ରେଣୀ ସାହିତ୍ୟ ବହିରେ ସନ୍ଥକବି ଭୀମ ଭୋଇ ବଦଳରେ ଭକ୍ତ କବି ଭୀମ ଭୋଇ ଲେଖାଯାଇଛି। ବର୍ଷ ବର୍ଷ ଧରି ଏହି ପାଠ୍ୟପୁସ୍ତକ ପିଲାମାନେ ପଢ଼ି ବିଭ୍ରାନ୍ତିରେ ରହୁଛନ୍ତି। ଏହି ତ୍ରୁଟି ସୁଧାରିବାକୁ ସେ ଦାବି କରିଥିଲେ। ଭାଷା ଆନ୍ଦୋଳନର ଆବାହକ ଶିବରାମ ମହାପାତ୍ର କହିଥିଲେ, ଓଡ଼ିଆ ଭାଷାରେ ଓଡ଼ିଶା ଶାସନ ଲାଗୁ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ଜିଲାରେ କୌଣସି ସରକାରୀ ଅଧିକାରୀ ପାଳନ କରୁନାହାନ୍ତି। ଓଡ଼ିଆ ଭାଷାରେ ବିଜ୍ଞାପନ ଓ ସୂଚନାଫଳକ ଲେଖାଯାଉ ନାହିଁ। ବ୍ୟବସାୟୀମାନେ ମଧ୍ୟ ସେମାନଙ୍କ ଦୋକାନର ନାମ ଓଡ଼ିଆରେ ଲେଖୁନାହାନ୍ତି। ଖୋଦ୍ ଜିଲାପାଳଙ୍କ କାର୍ଯ୍ୟାଳୟରେ ନୟାଗଡ଼ ବଦଳରେ ନୟାଗଡ ଲେଖାଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଥିଲେ। ଆଗାମୀ ଦିନରେ ଉପରୋକ୍ତ ୪ ଦଫା ଦାବିକୁ ନେଇ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ପ୍ରକାଶ କରିଥିଲେ।



ଜିଲାପାଳ ଜଣେ ମହିଳାଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

# ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି

**ବୋଲଗଡ଼,୨୩।୧୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲାପାଳଙ୍କ ବୋଲଗଡ଼ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଜିଲାପାଳ ସୀତାଂଶୁ ରାଉତ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ବୋଲଗଡ଼ ବିଡିଓ ଏଲିଜା ମିଶ୍ର, ତହସିଲଦାର ମୋନାଲିଶା ପଣ୍ଡା ପ୍ରମୁଖଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଶିବିରରେ ମୋଟ ୧୪୭ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିମଧ୍ୟରେ ୮ଟି ଅଭିଯୋଗ ସାମୂହିକ ହୋଇଥିବା ବେଳେ ୧୩୯ଟି ବ୍ୟକ୍ତିଗତ ରହିଛି। ୩ଜଣଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିବାବେଳେ ୧୧ଜଣଙ୍କୁ ୭୨ହଜାର ଟଙ୍କାର ରେଡକ୍ରସ ସହାୟତା ରାଶି ଓ ୯ଜଣଙ୍କୁ ମୋଟ ୭୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିରୁ ସହାୟତା ରାଶିର ଚେକ୍ ଜିଲାପାଳ ପ୍ରଦାନ କରିଥିଲେ। ଜଣଙ୍କୁ ବାର୍ଦ୍ଧକ୍ୟଭତ୍ତା ହିତାଧିକାରୀ ଭାବେ ସାମିଲ କରାଯାଇଛି।

## ମଣ୍ଡିରେ ଧାନ ବିକିଥିବା ଚାଷୀଙ୍କୁ ମିଳୁନି ପ୍ରାପ୍ୟ

**ଖଣ୍ଡପଡ଼ା,୨୩।୧୨(ସ୍ୱ.ପ୍ର.)**

ଅନଲାଇନରେ ଚଳିତ ବର୍ଷ ମଣ୍ଡିରେ ଧାନ ବିକୁଥିବା ଚାଷୀଙ୍କୁ ୨୪ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ମାତ୍ର ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ମଣ୍ଡିରେ ଧାନ ବିକି ଠିକ୍ ସମୟରେ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ସରକାର ଲାଗୁ କରିଥିବା ଅନ୍‌ଲାଇନ ବ୍ୟବସ୍ଥା କାହା ପାଇଁ ବୋଲି ମଣ୍ଡିରେ ଧାନ ବିକିଥିବା ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି।

ପ୍ରକାଶ ଥାଉ କି, ଖଣ୍ଡପଡ଼ା ସେବା ସମବାୟ ସମିତିରେ ଗତ ୭ଦିନ ତଳେ ପ୍ରଥମେ ଧାନମଣ୍ଡି ଖୋଲିଥିଲା। ପ୍ରଥମ ଦିବସରେ ୩ଶହରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ମାତ୍ର ସରକାରଙ୍କ ଘୋଷଣା କ୍ରମେ ୨୪ ଘଣ୍ଟା ତ ଦୂରର କଥା ଇତି ମଧ୍ୟରେ ୭ ଦିନ ଅତିବାହିତ ହୋଇଯାଇଥିଲେ ମଧ୍ୟ ମଣ୍ଡିରେ ଧାନ ବିକିଥିବା ଚାଷୀଙ୍କୁ ପ୍ରାପ୍ୟ ମିଳି ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଧାନ ବିକିଥିବା ଚାଷୀଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ ନିମନ୍ତେ ବ୍ଲକ ଯୋଗାଣ ନିରୀକ୍ଷକ, ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଅଭିଯୋଗ ସମ୍ପର୍କରେ ଖଣ୍ଡପଡ଼ା ସେବା ସମବାୟ ସମିତିର ସମ୍ପାଦକଙ୍କୁ ପଚାରିବାରେ ସେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ଦେଇଛନ୍ତି।

## ରଘୁନାଥ ଟ୍ରଫି କ୍ରିକେଟ: ଆୟୋଜକ (ଏ) ଦଳ ବିଜୟୀ

**ଓଡ଼ଗାଁ,୨୩।୧୨(ସ୍ୱ.ପ୍ର.)**

ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ରଘୁନାଥ ଟ୍ରଫି ଟେନିସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ୨ୟ ଦିବସୀୟ ମ୍ୟାଚରେ ଆୟୋଜକ (ଏ) ଦଳ ବିଜୟୀ ହୋଇଛି। ଟୁର୍ଣ୍ଣାମେଣ୍ଟ କମିଟି ଏହି ଦିବସକୁ ମିଡିଆ ଦିବସ ଭାବେ ପାଳନ କରିଥିବା ବେଳେ ବରିଷ୍ଠ ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଖବରଦାତା ଅଶୋକ କୁମାର ମହାପାତ୍ର ଓ ସାରସ କୁମାର ମିଶ୍ର ମ୍ୟାଚ ଉଦ୍‌ଘାଟନ କରିଥିଲେ। ଆୟୋଜକ (ଏ) ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୫ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ କେନ୍ତୁପଡା ଟିମ୍ ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୨ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଆୟୋଜକ ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ଅନୀଲ କୁମାର ପଟ୍ଟନାୟକ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଦିନନାଥ ମାଝି, ମିଥୁନ ପାଣିଗ୍ରାହୀ, କିଶୋର ଦେବ ମହାରଣା ଓ ଆଶିଷ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ। ମଙ୍ଗଳବାର ଆୟୋଜକ (ବି) ଟିମ୍ ସହିତ ଆଙ୍ଗିସିଙ୍ଗି ଟିମ୍ ମଧ୍ୟରେ ୩ୟ ମ୍ୟାଚ ଅନୁଷ୍ଠିତ ହେଉଥିବା ସମ୍ପାଦକ ଦିବାକର ନାୟକ ପ୍ରକାଶ କରିଛନ୍ତି।

# ଚାଷୀଙ୍କୁ ନିୟମିତ ରୋଜଗାର ଦେବା ଲକ୍ଷ୍ୟ

### ଜିଲାସ୍ତରୀୟ ଛତୁଚାଷୀ ସମ୍ମିଳନୀ

**ଓଡ଼ଗାଁ,୨୩।୧୨(ସ୍ୱ.ପ୍ର.)**




ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

ସମ୍ପ୍ରତି ଛତୁ ଏକ ପ୍ରମୁଖ ଖାଦ୍ୟ ସାମଗ୍ରୀ ହିସାବରେ ସମସ୍ତଙ୍କ ଗ୍ରହଣୀୟ ହୋଇପାରିଛି। ଦିନ ଥିଲା ଏହା କେବଳ ଋତୁ ଅନୁସାରେ ଉପଲବ୍ଧ ହେଉଥିଲା। ବର୍ତ୍ତମାନ ବୈଜ୍ଞାନିକ ପଦ୍ଧତି ଦ୍ୱାରା ଏହା ସବୁ ସମୟରେ ମିଳିପାରୁଛି। ଛତୁ ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସୋମବାର ସ୍ଥାନୀୟ ଖେଳପଡିଆ ସାହି ନିକଟରେ ଜିଲାସ୍ତରୀୟ ଛତୁଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ମିଳନୀରେ କେନ୍ଦ୍ରର ବରିଷ୍ଠ ବିଶେଷଜ୍ଞ ଡ. ଅନୀଲ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। କୃଷି ବିଶେଷଜ୍ଞ ବିଜୟଲକ୍ଷ୍ମୀ ରାଉତ, ବ୍ଲକ ସହକାରୀ କୃଷି ଉଦ୍ୟାନ ଅଧିକାରୀ ଅଜିତ କୁମାର ନାୟକ, ଜିଲା ଜୀବିକା ମିଶନ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ବ୍ୟାଙ୍କ ଅଧିକାରୀ ଗୋପାଳ ଚନ୍ଦ୍ର ପ୍ରଧାନ, କେବିକେ ବିଶେଷଜ୍ଞ ଶୁଚିସ୍ମିତା ଦ୍ୱିବେଦୀ, ସହକାରୀ କୃଷି ଅଧିକାରୀ ମୀରା ରୋଜାଲିନ ଓ ବ୍ଲକ ଜୀବିକା ମିଶନ ଅଧିକାରୀ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ବୈଷୟିକ ପରାମର୍ଶ ଦେଇଥିଲେ। ବର୍ଷର ସବୁ ସମୟରେ ସେମାନେ କିପରି ସପରିବାର ଛତୁ ଚାଷରେ ନିୟୋଜିତ ହୋଇ ରୋଜଗାରକ୍ଷମ ହୋଇପାରିବେ ସେ ନେଇ ଆଲୋଚନା କରିଥିଲେ। ଚାଷୀମାନେ ରାସ୍ତା ପାର୍ଶ୍ୱରେ ଛତା ତଳେ ବସି ଛତୁ ବିକ୍ରି କରୁଥିବା ବେଳେ ସେମାନଙ୍କୁ ଛାତ ତଳେ ବିକ୍ରି ସୁଯୋଗ ଦେବାକୁ ମତପ୍ରକାଶ ପାଇଥିଲା। ଏ ନେଇ ଅତିଥିମାନେ ଜିଲାପାଳଙ୍କ ସହିତ ଯୋଗାଯୋଗ କରି ସ୍ଥାନୀୟ କୃଷକ ବଜାରରେ ଖାଲିଥିବା ଦୋକାନ ଘର ଯୋଗାଇଦେବାକୁ ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ କେତେକ ସଫଳ ଛତୁ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ରଘୁନାଥ ଛତୁ ଛାଷ କେନ୍ଦ୍ର ସମ୍ପାଦକ ଗଣେଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋପାଳପୁର ଫୁଟବଲ୍ ଜୟଦୁର୍ଗା କ୍ଲବ ବିଜୟୀ

**ରଣପୁର,୨୩।୧୨(ସ୍ୱ.ପ୍ର.)**

ଗୋପାଳପୁର ସ୍ୱୋଡ଼ ଆସୋସିଏଶନ ଆନୁକୂଲ୍ୟରେ ଗୋପାଳପୁର ହାଇସ୍କୁଲ ଖେଳପଡିଆରେ ଫୁଟବଲ ମ୍ୟାଚ ଚାଲୁରହିଛି। ଏହାର ୨ୟ ଦିବସ ମ୍ୟାଚରେ ଜୟଦୁର୍ଗା କ୍ଲବ ଖୋର୍ଦ୍ଧା ୧-୦ ଗୋଲରେ ବଡମ୍ବା ନରସିଂହପୁରକୁ ପରାସ୍ତ କରି ବିଜୟୀ ହୋଇଛି। ଏହି କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଏମପି ପିନାକୀ ମିଶ୍ର, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ପୂର୍ବତନ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର, ପୂର୍ବତନ ରଣପୁର ବ୍ଲକ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଶରତ ଚନ୍ଦ୍ର ରଥ, ଶିକ୍ଷକନେତା ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏମଏସ ବାଗ ଖେଳ ପରିଚାଳନା କରିଥିଲେ।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

**ଗଣିଆ,୨୩।୧୨(ଡି.ଏନ.ଏ.):** ଗଣିଆ ବ୍ଲକ ବେଲପଡ଼ାପାଟାଣା ପଞ୍ଚାୟତର ବିଜୟ ନଗରଠାରେ ୯ଦିନ ଧରି ଚାଲୁରହିଥିବା ନବାହ୍ନ ପାରାୟଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନରେ ପାରାୟଣ ମଣ୍ଡପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ସକାଳୁ ସୂର୍ଯ୍ୟପୂଜା, ଗୋପୂଜା ଓ ଘୃତଯଜ୍ଞ ପରେ ଶ୍ରୀରାମ ଚରିତ ମାନସ ପଠନ କରାଯାଇଥିଲା। ଅପରାହ୍ନରେ ଯାଜ୍ଞିକ ବ୍ରାହ୍ମଣମାନଙ୍କ ଦ୍ୱାରା ବିଭିନ୍ନ ଦେବଦେବୀଙ୍କ ନାମରେ ମନ୍ତ୍ର ପଠନ କରାଯାଇ ଘୃତାହୁତି ଦିଆଯାଇ ପୂର୍ଣ୍ଣାହୁତି କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରିବେଷଣ କରାଯିବା ପରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଉଥିଲା। ସୁବାସ ଚନ୍ଦ୍ର ଶତପଥୀ ବ୍ୟାସଭାବେ ପରାୟଣ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ଶିଶୁ କବି ଜୟକୃଷ୍ଣ ସମ୍ମାନିତ

**ଭାପୁର,୨୩।୧୨(ଡି.ଏନ୍.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ଜାମୁସାହି ଗ୍ରାମର ଶିଶୁକବି ଜୟକୃଷ୍ଣ ବାରିକଙ୍କୁ ଖୋର୍ଦ୍ଧା ଜିଲା ମହୋତ୍ସବ ଅବସରରେ ସମ୍ମାନିତ କରାଯାଇଛି। ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲୀପ କୁମାର ଶ୍ରୀଚନ୍ଦନ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ପୃଷ୍ଟିଙ୍କ ଉପସ୍ଥିତିରେ ଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଲଳିତ କୁମାର ଦାଶ ବାରିକଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରିଥିଲେ। ତାଙ୍କ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୩୫ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା।

### ଆସୁଛି ନୂଆବର୍ଷ

# ଭକ୍ତ ଦେଖିବେ ସିଂହଦ୍ୱାର ନୂଆରୂପ

### ଆରମ୍ଭ ହେଲା ପେଣ୍ଟିଂ, ଚାଲିଛି ବ୍ୟାରିକେଡ ନିର୍ମାଣ



ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡ ରଙ୍ଗ କରାଯାଉଛି।

**ପୁରୀ ଅଫିସ, ୨୩।୧୨**

ବଦଳୁଛି ଶ୍ରୀକ୍ଷେତ୍ର। ବଡ଼ଦାଣ୍ଡ ହେଉ ଅବା ସିଂହଦ୍ୱାର କିମ୍ବା ବେଳାଭୂମି ସବୁକୁ ଧୀରେ ଧୀରେ ସଜାଇ ଦିଆଯାଉଛି। ଆଗକୁ ନୂଆବର୍ଷ। ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କୁ ଏକ ନିଆରା ଅନୁଭବ ଦେବା ପାଇଁ କାମ ଚାଲିଛି। ସିଂହଦ୍ୱାରକୁ ଅଧିକ ଆକର୍ଷଣୀୟ କରାଯାଉଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ଅବରୋଧମୁକ୍ତ କରାଯାଇଛି। ପରିକ୍ରମା ମାର୍ଗରେ ବୁଲିବା ବେଳେ ଶ୍ରଦ୍ଧାଳୁ ଯେପରି ବାହାରୁ ବି ଶ୍ରୀମନ୍ଦିର ସୌନ୍ଦର୍ଯ୍ୟ ଦର୍ଶନ କରିପାରିବେ ସେଥିଲାଗି ବ୍ୟବସ୍ଥା କରାଯାଇଛି। ସ୍ନାନମଣ୍ଡପରେ ଥିବା ଲୁହାପାଇପ ଖୋଲାଯାଇଥିବା ବେଳେ ସିଂହଦ୍ୱାର ଦୁଇପାର୍ଶ୍ୱରେ ଥିବା ହାଇମାଷ୍ଟ ଲାଇଟ୍ ମଧ୍ୟ ଖୋଲି ଦିଆଯାଇଛି। ଉଜ୍ଜଳ ଆଲୋକମାଳାରେ ଝଟକୁଛି ବଡ଼ଦେଉଳ। ବିଶେଷକରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ ମିଟର ଉଚ୍ଛେଦ ଅଭିଯାନ ଆରମ୍ଭ ହେବା ପରେ ଧୀରେ ଧୀରେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଛି। ନୂଆବର୍ଷ ପୂର୍ବରୁ ସିଂହଦ୍ୱାର ଅଞ୍ଚଳକୁ ନୂଆ ରୂପ ଦେବା ପାଇଁ ଜୋର୍‌ଦାର କାମ ଚାଲିଥିବାବେଳେ ସୋମବାର ପେଣ୍ଟିଂ କାମ ବି ଆରମ୍ଭ ହୋଇଛି।

ପ୍ରାୟ ୪ ମାସ ପୂର୍ବରୁ ସିଂହଦ୍ୱାର ସମ୍ମୁଖ ଚିତ୍ର ବେଶ୍ ଭିନ୍ନ ଥିଲା। ସମ୍ମୁଖରେ ଉଠାଦୋକାନୀ, ବ୍ୟବସାୟ ପ୍ରତିଷ୍ଠାନ, ଭିକାରୀଙ୍କ ଗହଳି ଲାଗୁଥିଲା। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡ ଦେଇ ଯା' ଆସ କରିବାରେ ମଧ୍ୟ ସମସ୍ୟା ଉପୁଜୁଥିଲା। ହେଲେ ଆଜି ବଦଳି ଯାଇଛି ଚିତ୍ର। ତେବେ ସିଂହଦ୍ୱାର ହେଉ ଅବା ମନ୍ଦିର ଚତୁଃପାର୍ଶ୍ୱ ଆଉ ପୂର୍ବଭଳି ଗହଳି ନାହିଁ। ସ୍ୱାଭାବିକ ଭାବେ ଚଳପ୍ରଚଳ କରୁଛନ୍ତି ଶ୍ରଦ୍ଧାଳୁ। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ବସି ପ୍ରତ୍ୟହ ନୀଳଚକ୍ରରେ ପତିତପାବନ ବାନା ବନ୍ଧାର ଦୃଶ୍ୟ ଉପଭୋଗ କରୁଛନ୍ତି। ସନ୍ଧ୍ୟାରେ ଠାଏ ଠାଏ ବସି ମହାପ୍ରଭୁଙ୍କୁ ସ୍ମରଣ କରୁଛନ୍ତି। ଲଙ୍ଗୁଳି ମଠ, ଏମାର ମଠ ଚକଡା, ବଡ଼ଆଖଡା ମଠ, ମଙ୍ଗୁ ମଠ ଏବଂ ସାନଛତା ମଠ ଭଙ୍ଗାଯିବା ପରେ ପ୍ରଶସ୍ତ ଜାଗା ବାହାରିଛି। ଏହି ଜାଗାକୁ ସମତଳ କରାଯାଇ ଟାଇଲ ପକାଯାଇଛି। ବ୍ୟାରିକେଡିଂ କରାଯାଇଥିବା ଅଞ୍ଚଳକୁ ଆକର୍ଷଣୀୟ ଭାବେ ସଜା ଯାଉଛି। ସିଂହଦ୍ୱାରରେ ଥିବା ଶେଡ୍‌କୁ ପୂର୍ବ ପାର୍ଶ୍ୱକୁ ଘୁଞ୍ଚାଇ ନୂତନ ଶେଡ୍ ତିଆରି ଚାଲିଛି। ବିଭିନ୍ନ ପ୍ରକାର ବୃକ୍ଷରାଜିରେ ସବୁଜିମା ସୃଷ୍ଟି କରାଯାଇଛି। ନୂତନ ବ୍ୟାରିକେଡ କଡ଼ରେ ଗଛର କୁଣ୍ଡ ସଜାଇ ରଖାଯାଇଥିବାବେଳେ ଲଙ୍ଗୁଳି ମଠ ଜାଗାରେ ବି ଫୁଲକୁଣ୍ଡ ଶୋଭାପାଉଛି। ନୂତନ ବ୍ୟାରିକେଡ କଡ଼ରୁ ମନ୍ଦିର ପଟକୁ ୪୨ ଫୁଟ ଚଉଡ଼ା ଏବଂ ପ୍ରାୟ ୨୭୦ ଫୁଟ ଲମ୍ବରେ ବଡ଼ଦାଣ୍ଡ ଉପରେ ପେଣ୍ଟିଂ କରାଯିବ। ଶ୍ରଦ୍ଧାଳୁମାନେ ବ୍ୟାରିକେଡ ଦେଇ ଯିବାବେଳେ ଏହି ପେଣ୍ଟିଂକୁ ଦେଖିପାରିବେ। ଏଥିଲାଗି ସୋମବାର ସନ୍ଧ୍ୟାରେ ବକୁଳ ଫାଉଣ୍ଡେଶନ ପକ୍ଷରୁ କାମ ଆରମ୍ଭ ହୋଇଛି। ପ୍ରଥମେ ଧଳା ରଙ୍ଗ ମରାଯାଉଛି। ଏହା ଶୁଖିଗଲା ପରେ ଏଥିରେ ଟେରାକୋଟା ରଙ୍ଗ ଦିଆଯିବ। ପରେ ଧଳା ରଙ୍ଗର ଫୁଲ ଚିତ୍ର କରାଯିବ। ଏହି ୪୨ ଫୁଟ ଚଉଡ଼ା ମଝିରେ ୮ଫୁଟ ଗୋଲେଇର ୪ଟି ଫୁଲ ରହିବ ଏବଂ ଦୁଇପାର୍ଶ୍ୱରେ ବର୍ଡ଼ର ରଖାଯିବ। ସ୍ମୃତିକାନ୍ତ ରାଉତ ଓ ଟିମ୍ ଏହି ପେଣ୍ଟିଂ କରୁଛନ୍ତି। ଏଥିରେ ୧୫ ଜଣ ଆର୍ଟିଷ୍ଟ ଏବଂ ୫ ଜଣ ଶ୍ରମିକ ନିୟୋଜିତ ଥିବାବେଳେ ୨୮ ତାରିଖ ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି।